Postal Regd.No.:
BGR - 02/2021-2023
ବର୍ଷ - ୨୨ ■ ସଂଖ୍ୟା - ୧୦
Volum. - 22 ■ Issue No.- 10
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୧୬ ଜାନୁଆରୀ - ୨୨ ଜାନୁଆରୀ ୨୦୨୨ / 16 Jan. - 22 Jan. 2022 / Odia Weekly / 8 Pages / Rs.2/- only

## ବେଆଇନ୍ ଫର୍ଣ୍ଣିଚର ଦୋକାନ ଉପରେ ଚଢାଉ କଲା ବନ ବିଭାଗ : ମୂଲ୍ୟବାନ୍ କାଠ ଓ ପଟା ଜବତ



ବଲାଙ୍ଗିର, (ନିପ୍ର) : ଏକ ବେଆଇନ୍ ଫର୍ଣ୍ଣିଚର ତିଆରି ଦୋକାନ୍ ଉପରେ ବଲାଙ୍ଗିର ବନବିଭାଗ ଚଢାଉ କରିଥିବା ଜଣାପଡିଛି । ସୂଚନା ଅନୁସାରେ ନିକଟସ୍ଥ ହର୍ତାଟାଲ ଗ୍ରା.ପ. ଅନ୍ତର୍ଗତ ବାରପୁଟୁଗିଆ ଗ୍ରାମରେ ଚାଲିଥିଲା ବେଆଇନ୍ ଫର୍ଣ୍ଣିଚର ଦୋକାନ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଲାଙ୍ଗିର ଡିଏଫ୍ଓ ନିତିଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ଆକସ୍ମିକ ଭାବେ ଚଢାଉ କରି ଜବତ କରିଥିଲା ବିପୁଳ ପରିମାଣର କାଠ ଓ ପଟା । ତେବେ ଏହି ଚଢାଉରେ ୩୦ ସେଫ୍‌ଟି ଶାଗୁଆନ୍ ଓ ଶାଳକାଠ ଜବତ ହୋଇଥିବା ଜଣାପଡିଛି । ତେବେ ଆହୁରି ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

## ପିଏମ୍ ମୋଦୀଙ୍କ ସୁରକ୍ଷାରେ ଅବହେଳା ପ୍ରସଙ୍ଗ : ସୁପ୍ରିମକୋର୍ଟ ୫ ସଦସ୍ୟ ବିଶିଷ୍ଟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି, ଅବସରପ୍ରାପ୍ତ ବିଚାରପତି ଇନ୍ଦୁ ମାଲହୋତ୍ରା ଅଧକ୍ଷ ହେବେ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଂଜାବ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ କୋର୍ଟ ଏକ କମିଟି ଗଠନ କରିଛନ୍ତି । ଏହି କମିଟି ସମଗ୍ର ଘଟଣାର ଅନୁସନ୍ଧାନ କରିବ । ପାଞ୍ଚ ସଦସ୍ୟ ବିଶିଷ୍ଟ କମିଟିରେ ଏନଆଇଏ.ର ଡିଜି, ପଞ୍ଜାବର ଡିଜି ସୁରକ୍ଷା ଅନୁସନ୍ଧାନ କମିଟିରେ ଅନ୍ତର୍ଭୁକ୍ତ । ପଞ୍ଜାବ-ହରିୟାଣା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ମଧ୍ୟ ଏହି କମିଟିରେ ଅନ୍ତର୍ଭୁକ୍ତ କରାଯାଇଛି । ପୂର୍ବତନ ବିଚାରପତି ଇନ୍ଦୁ ମାଲହୋତ୍ରାଙ୍କ ନେତୃତ୍ୱରେ ଗଠିତ ଏହି କମିଟିକୁ ରିପୋର୍ଟ ଦାଖଲ ପାଇଁ କୌଣସି ସମୟ ସୀମା ଦିଆଯାଇନାହିଁ । କମିଟି ଶୀଘ୍ର ଏହାର ରିପୋର୍ଟ ଦାଖଲ କରିବ । ଏକପାଖିଆ ତଦନ୍ତ ଅଭିଯୋଗକୁ ହଟାଇବା ପାଇଁ ତଦନ୍ତ କମିଟି ଗଠନ କରାଯାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ପୋଲିସର ମହାନିର୍ଦ୍ଦେଶକ ଚଣ୍ଡିଗଡ଼ ମଧ୍ୟ ଏହି କମିଟିର ଏକ ଅଂଶ ହେବେ ।

## ଟ୍ରାନ୍ସଜେଣ୍ଡରମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସାଥୀ ପକ୍ଷରୁ କାର୍ଯ୍ୟକ୍ରମ



ରାଉରକେଲା, (ନିପ୍ର) : ସାରା ରାଜ୍ୟରେ ଟ୍ରାନ୍ସଜେଣ୍ଡରମାନଙ୍କର ବିକାଶ ଓ ଉନ୍ନୟନ ନିମନ୍ତେ ଏକ ବୈଠକ ରାଉରକେଲା ସହରର ମନ୍ତ୍ରା ପେଲେସ୍ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି । ସାଥୀ ନାମକ ଏକ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରାନ୍ସଜେଣ୍ଡରମାନେ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ବିଭିନ୍ନ ସୂଚନା ଦିଆଯିବା ସହ ଆଲୋଚନା କରାଯାଇଥିଲା । ସୂଚନା ମୁତାବକ ସାଥୀ ଅନୁଷ୍ଠାନ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାର ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ସହଯୋଗରେ କରାଯାଉଛି । ରାଉରକେଲାରେ ହୋଇଥିବା ବୈଠକରେ ସୁନ୍ଦରଗଡ ଜିଲ୍ଲା ଟ୍ରାନ୍ସଜେଣ୍ଡର ସଂଘର ଅଧ୍ୟକ୍ଷା ଜୋୟା ତ୍ରିପାଠୀ ଓ ଅନ୍ୟମାନେ ଯୋଗଦେଇଥିଲେ । ଏହିଭଳି କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି ।

## ମିହିର ଦାସଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ଦିଆଯିବା ସହ କଟକ ସହରର ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରାଯାଉ ବୋଲି କହିଲେ ଅଭିନେତା ଶ୍ରୀତମ ଦାସ

ଭୁବନେଶ୍ୱର : ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ବହୁ ଚର୍ଚ୍ଚିତ କଳାକାର ମିହିର ଦାସଙ୍କ ପରଲୋକ ପରେ ତାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ଦିଆଯିବା ସହ କଟକ ସହରର ଏକ ରାସ୍ତାକୁ ତାଙ୍କ ନାଁରେ ନାମିତ କରାଯାଉ ବୋଲି କହିଲେ ଅଭିନେତା ଶ୍ରୀତମ ଦାସ । ବୁଧବାର ମିହିର ଦାସଙ୍କ ଶେଷକୃତ୍ୟ ସମୟରେ ଏପରି କିଛି କଥା କହିଛନ୍ତି ତାଙ୍କ ସାଥୀ ଅଭିନେତା ଶ୍ରୀତମ ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀତମ କହିଛନ୍ତି, ଗତକାଲି ମିହିରଙ୍କ ଦେହାନ୍ତ ପରେ କେନ୍ଦ୍ରମନ୍ତ୍ରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ଓ ବଡ଼ ବଡ଼ କଳାକାରମାନେ ଶୋକପ୍ରକାଶ କରିଛନ୍ତି ।

ମିହିର ଏମିତି ଜଣେ କଳାକାର ଥିଲେ, ଯାହାଙ୍କୁ ସମସ୍ତେ ମନେ ରଖିବେ । ସେ ଜଣେ ଭଲ ମଣିଷ ଥିଲେ । ତେବେ ତାଙ୍କ ସମ୍ମାନରେ ତାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଉ । ତା' ସହିତ କଟକ ସହରର ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରିବାକୁ ସେ କହିଛନ୍ତି ।

## ଇଞ୍ଜିନିୟର ସ୍ୱାମୀ ୧୫୦ଟି ସୁନା ମୁଦି, ୨୦ ଲକ୍ଷ ଟଙ୍କା ନଗଦ ଯୌତୁକ ନେବା ପରେ ଅଡି କାର୍ ପାଇଁ ଅଡ଼ି ବସିଲେ : ପତ୍ନୀ ଥାନାର ଦ୍ୱାରସ୍ଥ



ଦୁର୍ଗ : ଛତିଶଗଡର ଦୁର୍ଗ ଜିଲ୍ଲାରେ ଯୌତୁକ ନିର୍ଯ୍ୟାତନାର ଏକ ଉଚ୍ଚ ପ୍ରୋଫାଇଲ୍ ମାମଲା ରୁଜୁ ହୋଇଛି । ଏନ୍‌ଗେଜମେଂଟ ଉତାରୁ ୧୫୦ଟି ସୁନା ମୁଦି, ସୁନା ବ୍ରେସଲେଟ୍, ସୁନା ହାର, ୨୦ ଲକ୍ଷ ଟଙ୍କା ନଗଦ ଯୌତୁକ ଦିଆଯିବା ପରେ ବିବାହ ହୋଇଥିଲା । କିନ୍ତୁ ବିବାହ ପରେ ମଧ ଇଞ୍ଜିନିୟର ସ୍ୱାମୀଙ୍କ ଯୌତୁକ ଲୋଭ ସରି ନଥିଲା । ଅଡି କାର୍ ପାଇଁ ଅଡ଼ି ବସିଲେ । ଶେଷରେ, ବିରକ୍ତ ହୋଇ ପତ୍ନୀ ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି । ସ୍ୱାମୀ ଏବଂ ଶାଶୁଙ୍କ ବିରୋଧରେ ଯୌତୁକ ନିର୍ଯ୍ୟାତନା ମାମଲା ଦାୟର କରିଛନ୍ତି ପତ୍ନୀ ଜଣକ । ମହିଳା ଜଣକ ଯୌତୁକ ନିର୍ଯ୍ୟାତନା ଅଭିଯୋଗ କରିବା ସହିତ ତାଙ୍କ ସ୍ୱାମୀ ତାଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିବା ମଧ ଅଭିଯୋଗ କରିଛନ୍ତି । ଦୁର୍ଗର ମୋହନ ନଗର ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ମାନେ ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇର ବାସିନ୍ଦା ବୋଲି କୁହାଯାଇଛି ।

## ମଦୁଆ ସ୍ୱାମୀର ଆକ୍ରମଣରେ ପତ୍ନୀ ଗୁରୁତର : ଡାକ୍ତରଖାନାରେ ଭର୍ତ୍ତି



ପାଟଣାଗଡ, (ନିପ୍ର) : ମଦୁଆ ସ୍ୱାମୀର ଆକ୍ରମଣରେ ପତ୍ନୀ ଗୁରୁତର ହୋଇଥିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁସାରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ବନେଇମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି । ସୁମଣି ବରିହା ବନେଇମୁଣ୍ଡାର ଟିକେଶ୍ୱର ବରିହାଙ୍କୁ ବୈଦିକ ରୀତିରେ ବିବାହ କରିଥିବା ବେଳେ ସ୍ୱାମୀ ଟିକେଶ୍ୱର ମଦ୍ୟପାନ କରି ପ୍ରତ୍ୟହ ପତ୍ନୀ ସୁମଣିଙ୍କୁ ମାରପିଟ କରୁଥିଲେ । ତେବେ ପତ୍ନୀ ସୁମଣି ନିଜ ବାପ ଘରକୁ ଯିବା ପାଇଁ ସ୍ୱାମୀ ଟିକେଶ୍ୱରଙ୍କୁ କହିବାରୁ ନୃଶଂସ ଟିକେଶ୍ୱର ଏକ ଖଣ୍ଡା ସାହାଯ୍ୟରେ ସୁମଣିଙ୍କୁ ଆକ୍ରମଣ କରିଥିଲା ଏଥିରେ ସୁମଣିଙ୍କ ଦେହରେ ତଥା ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ଏବେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସୁମଣି ଚିକିତ୍ସାଧୀନ ଥିବା ଜଣାପଡିଛି ।

## ଦିଲ୍ଲୀରେ ୧୦ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛୁ, ବର୍ତ୍ତମାନ ପଞ୍ଜାବର ପାଳି : ଅରବିନ୍ଦ କେଜ୍ରିୱାଲ



ନୂଆଦିଲ୍ଲୀ : ବିଧାନସଭା ନିର୍ବାଚନକୁ ନେଇ ଉତ୍ତରପ୍ରଦେଶରେ ସରଗରମ ହେବାରେ ଲାଗିଛି ମାହୋଲ୍ । ଏହା ବ୍ୟତୀତ ଗୋଆ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁରରେ ବି ରାଜନୈତିକ ଉଷ୍ମତା ତୀବ୍ର ହେବାରେ ଲାଗିଛି । ୟୁପିରେ ଭାରତୀୟ ଜନତା ପାର୍ଟି ଲଖନଉରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ, କେଶବ ପ୍ରସାଦ ମୌର୍ଯ୍ୟ ଏବଂ ଦଳର ଅନ୍ୟ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ । ଏଥି ସହିତ ଆଜି ପ୍ରିୟଙ୍କା ଗାନ୍ଧୀ ଏଆଇସିସିର ସାମ୍ବାଦିକ ସମ୍ମିଳନୀ କରିବାକୁ ଯାଉଥିଲେ ମଧ ଏହାକୁ ସ୍ଥଗିତ ରଖାଯାଇଛି । ସାମ୍ବାଦିକ ସମ୍ମିଳନୀକୁ ବାତିଲ କରିବାର କାରଣ ସ୍ପଷ୍ଟ ହୋଇନାହିଁ । ଏହା ସହିତ, ସମସ୍ତ ପ୍ରମୁଖ ଦଳ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଚାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅନ୍ୟପଟେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପଂଜାବର ମୋହାଲିରେ ଏକ ସାମ୍ବାଦିକ ସମ୍ମିଳନୀ କରୁଛନ୍ତି । କେଜ୍ରିୱାଲ କହିଛନ୍ତି ଯେ, ଦିଲ୍ଲୀରେ ୧୦ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛୁ, ବର୍ତ୍ତମାନ ପଞ୍ଜାବର ପାଳି ।

## ମାତ୍ର ୨୭ ବର୍ଷ ବୟସରେ ଅନ୍ତର୍ଜାତୀୟ ହକିରୁ ଅବସର ନେଲେ ଲିଲିମା ମିଞ୍ଜ




ଭୁବନେଶ୍ୱର, (ନିପ୍ର) : ଭାରତୀୟ ହକି ଦଳର ମଧ ଭାଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିବା ତଥା ଦୁଇ ଥର ଏସୀୟ କ୍ରୀଡା ପଦକ ବିଜୟିନୀ ଓଡିଆ ତାରକା ଲିଲିମା ମିଞ୍ଜ ମାତ୍ର ୨୭ ବର୍ଷ ବୟସରେ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି । ସୁନିତା ଲାକ୍ରା, ନମିତା ଟପ୍ପୋ ଓ ଦୀପଗ୍ରେସ୍ ଏକ୍କାଙ୍କ ସହ ଲିଲିମାଙ୍କୁ ନେଇ ଗଠିତ ଏହି ଏଲିଟ୍ କ୍ଲବ୍‌ରୁ ସୁନିତା ପୂର୍ବରୁ ଅବସର ଘୋଷଣା କରିସାରିଥିଲେ ।

## ଏମିତି ବି ଆସେ ମୃତ୍ୟୁ : ଯୁବ କଂଗ୍ରେସ କର୍ମୀ ଚମାରଙ୍କ ମୃତ ଶରୀର ଦେଖି ବାପାଙ୍କ ମୃତ୍ୟୁ, ଶୋକ ପ୍ରକାଶ କଲେ ବିଧାୟକ ନରସିଂହ ମିଶ୍ରଙ୍କ ସମେତ ବହୁ କଂଗ୍ରେସ ନେତା

ବଲାଙ୍ଗିର, (ନିପ୍ର) : କାହା ପାଇଁ କେତେବେଳେ କେଉଁ ବିପଦ ନେଇ ମୃତ୍ୟୁ ଝପଟି ପଡ଼େ, ତାହା କଳନା କରିବା ନିହାତି ଅସମ୍ଭବ । ବଲାଙ୍ଗିରର ଏକ ମୃତ୍ୟୁ ଘଟଣା ସମସ୍ତଙ୍କୁ ସ୍ତବ୍ଧ କରି ପକାଇଛି । ଗତ ୧୪ ତାରିଖ ଦିନ ଯୁବ କଂଗ୍ରେସ କର୍ମୀ ଚମାର ନାମରେ ଜଣାଶୁଣା ଭୋଜରାଜ ସାହୁ(୫୩)ଙ୍କ ମୃତ ଶରୀର ଦେଖି ତାଙ୍କ ବୃଦ୍ଧ ବାପାଙ୍କ ପ୍ରାଣହାନୀ ଘଟିଥିବା ବେଳେ ଏହି ଘଟଣା ବଲାଙ୍ଗିର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ଦୁଃଖ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ତଥା ପୂର୍ବତନ ଯୁବ କଂଗ୍ରେସ ସଭାପତି ବିଧୁଭୂଷଣ ତ୍ରିପାଠୀ, ପୂର୍ବତନ ନଗର ଯୁବ କଂଗ୍ରେସ ସଭାପତି ସଂଜୟ କୁମାର ଦୋରା, ଯୁବ କଂଗ୍ରେସ ସଂପାଦକ କୈଳାଶ ମିଶ୍ର, ଜିଲ୍ଲା ସେବାଦଳ ମୁଖ୍ୟ ଅସିତ୍ କୁମାର ମିଶ୍ର, ଜିଲ୍ଲା କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବେହେରା ତଥା ଆହୁରି ବହୁ କଂଗ୍ରେସ ନେତା ।



ସୂଚନା ଅନୁସାରେ ଅଳ୍ପ କିଛି ଦିନ ତଳେ ଭୋଜରାଜ ସାହୁ (ଚମାର)ଙ୍କ ସରକାରୀ ବସ୍ ଷ୍ଟାଣ୍ଡ ପଛପଟ ଶୌଚାଳୟରେ ଗୋଡ଼ ଖସିଯିବାରୁ ସେ ପଡ଼ିଯିବା ପରେ ପାରାଲିସିସ୍ ରୋଗାଗ୍ରସ୍ତ ହୋଇ ପଡ଼ିଥିବା ବେଳେ ବରଗଡ଼ରେ ଚିକିତ୍ସାଧୀନ ଥିଲେ । ୧୪ ତାରିଖ ଦିନ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ତାଙ୍କ ଦେହାନ୍ତ ହୋଇଯାଇଥିବା ବେଳେ ତାଙ୍କ ବୃଦ୍ଧ ବାପା ଲୋକନାଥ ସାହୁ(୮୫) ବଲାଙ୍ଗିରରୁ ବରଗଡ଼କୁ ଯାଇ ସେଠାରେ ପୁଅର ମୃତ ଶରୀର ଦେଖିବା ପରେ ମୃତ୍ୟୁମୁଖରେ ପଡ଼ିଛନ୍ତି । ଏଭଳି ଏକ ଖବର ସାରା ସହରରେ ଦୁଃଖର ଛାୟା ଖେଳାଇ ଦେଇଛି । ଏଭଳି ମୃତ୍ୟୁ ଘଟଣା ସ୍ତବ୍ଧ କରିଦେଇଛି ସାରା ସହରକୁ ।

### ବିଶେଷ ଘୋଷଣା

ଆକସ୍ମିକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗତ ଜାନୁଆରୀ ୯ ତାରିଖ ଦିନ ପ୍ରକାଶ ପାଇବାକୁ ଥିବା 'କୋଶଳ ପ୍ରବାହ' ସଂଖ୍ୟା ପ୍ରକାଶିତ ହୋଇପାରିନାହିଁ । ଏଣୁ ଆମେ ଦୁଃଖିତ ।

- ସଂପାଦକ

# ଜାଗ୍ରତ ହୁଅ ହେ ଆଧୁନିକ ଯୁବ ଶକ୍ତି

ନିକୁଞ୍ଜ ବିହାରୀ ପଣ୍ଡା

"ଉଠ ଜାଗ ଲକ୍ଷ୍ୟ ହାସଲ ନହେଲା ପର୍ଯ୍ୟନ୍ତ କର୍ମ କ୍ଷେତ୍ରରୁ ବିଚ୍ୟୁତ ହୁଅ ନାହିଁ" । ଯେତେବେଳେ ସାରା ବିଶ୍ୱରେ ଯୁବକମାନଙ୍କ ଭୂମିକାକୁ ନେଇ ଚର୍ଚ୍ଚା ଚାଲିଛି, ସେହି ପରିପ୍ରେକ୍ଷୀରେ ଭାରତକୁ ବାଦ ଦେଇ ଯୁବକମାନଙ୍କ ପରିକଳ୍ପନା କରିବା ଧର୍ମକୁ ଆଖିଠାର ମାରିବା ସଦୃଶ । ଆଜି ପୃଥିବୀର ଅନେକ ବିତ୍ତଶାଳୀ ଦେଶମାନଙ୍କର ଜନସଂଖ୍ୟାର ପଚାଶ ଶତକଡାରୁ ଅଧିକ ଆଜି ପୌଢ଼, କିନ୍ତୁ ଆଜି ଭାରତ ବର୍ଷର ଜନସଂଖ୍ୟାର ଷାଠିଏ ଶତକଡାରୁ ଅଧିକ ଆଜି ଯୁବକ, ଅନ୍ୟ ଅର୍ଥରେ କହିଲେ ଭାରତ ଆଜି ଯୁବ ତରୁଣ ଭାରତବର୍ଷ । ଆଜି ବିଶ୍ୱରେ କୌଣସି ବି ଦେଶ ଯଦି ସମୃଦ୍ଧ ହୋଇଛି ତା ପ୍ରଚ୍ଛଦ ପଟରେ କେବଳ ହିଁ କେବଳ ସେହି ଦେଶର ଯୁବକ ମାନଙ୍କର ହିଁ ବଡ଼ ଭୂମିକା ରହିଅଛି । ଆମେ ସମସ୍ତେ ଜାଣିଛେ ପବିତ୍ର ଭାରତବର୍ଷ ହେଉଛି ପୁଣ୍ୟ ଭୂମି, ଦେବ ଭୂମି ଏବଂ ମୋକ୍ଷ ଭୂମି ଯେଉଁଠି କି ସ୍ୱୟଂ ଭଗବାନ ଜନ୍ମ ନେବା ପାଇଁ ତାଙ୍କ ତାଙ୍କ ମଧରେ ମଧ ଯୁଦ୍ଧ ହୁଏ ଯେ ପୁଣ୍ୟମୟୀ ମା' ଭାରତୀର କୋଳରେ ଜନ୍ମ ନେବା ପାଇଁ । ବର୍ତ୍ତମାନ ପରିସ୍ଥିତିକୁ ଯଦି ଅନୁଧ୍ୟାନ କରିବା ଆଜିର ଯୁବପିଢ଼ି କିଭଳି ଭାବରେ ନିଜର ଚାଲି, ଚଳନ, ସଂସ୍କୃତି ଏବଂ ପରମ୍ପରାକୁ ଭୁଲି ଆଧୁନିକତା ବା ସ୍ମାର୍ଟ ନାଁରେ ପାଶ୍ଚାତ୍ୟ ଦେଶର ସଂସ୍କୃତି ଆଉ ପରମ୍ପରାରେ ଆଜି ସମ୍ପୂର୍ଣ୍ଣ ଭାବରେ କବଳିତ । ଯଦି ଆମେ ଗୋଟିଏ ଛୋଟିଆ ଘଟଣାକୁ ଅନୁଧ୍ୟାନ କରିବା ତାହାଲେ ଆମେ ଜାଣିପାରିବା ଯେ ଏହି ମହାନ ଭାରତ ବର୍ଷର ସଂସ୍କୃତିର ଏକ ଅନନ୍ୟ ପ୍ରତୀକ ଜୋଗ । ଯେତେବେଳେ ସାରା ବିଶ୍ୱ ଆଜି କୋରନା ପ୍ରଭାବରେ ଜର୍ଜରିତ ଆଉ ପୀଡିତ ଥିଲା, ସେ ସମୟରେ ସାରା ବିଶ୍ୱର ସମସ୍ତ ଡାକ୍ତରମାନେ ରୋଗୀଙ୍କୁ କହିଲେ ଆପଣ ସକାଳୁ ଉଠି ଜୋଗ ଏବଂ ପ୍ରାଣାୟମ କରନ୍ତୁ ଖାଲି ସେତିକି ନୁହେଁ ଏହା ସ୍ୱର୍ଶରେ ବ୍ୟାପୁଥିବା ହେତୁ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଅନ୍ୟ ଏକ ସଂସ୍କାର ହେଉଛି ଅତିଥିଙ୍କୁ ହାତ ଯୋଡି ପ୍ରଣାମ କରିବା, କିନ୍ତୁ ପଶ୍ଚିମ ଦେଶରେ ହାଏ, ହାଲୋ, ହ୍ୟାଣ୍ଡସେକ ସେମାନଙ୍କର ସଂସ୍କୃତି ଏବଂ ପରମ୍ପରା, କିନ୍ତୁ ଆଜି ଆମେରିକା ଭଳି ରାଷ୍ଟ୍ରର ରାଷ୍ଟ୍ରପତି ଭାରତୀୟ ସଂସ୍କୃତି ଏବଂ ପରମ୍ପରାକୁ ଆପଣେଇବାକୁ ବାଧ କାହିଁକି ନାଁ ଆଜି ତାଙ୍କ ଦେଶକୁ କୌଣସିବି ଅତିଥି ଆସିଲେ ସେ ହାତ ଯୋଡି ତାଙ୍କୁ ପ୍ରଣାମ କରୁଛନ୍ତି । ଇଏ ଆଉ କାହାର ପରମ୍ପରା ଆଉ ସଂସ୍କୃତି ନୁହେଁ ଆମ ପବିତ୍ର ଭାରତବର୍ଷର ସନାତନ ସଂସ୍କୃତିର ପ୍ରତୀକ । ଜଣେ ଯୁବକ ତାର ଯୁବା ଅବସ୍ଥାରେ ତା ଦେଶର ଗୌରବମୟ ସଂସ୍କୃତିର ରକ୍ଷା ପାଇଁ କଣ ଯେ କରିପାରେ ଆମେ ଇତିହାସରୁ ସମସ୍ତେ ଜାଣିଛେ ଯେତେବେଳେ ଭାରତବର୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇ ରହିଥିଲା । ସେହି ସମୟରେ ଜଣଙ୍କର ବଜ୍ର ଆଉ ଗମ୍ଭୀର ସ୍ୱରରେ ସାରା ଦେଶର ଜନ ଗଣ ହୃଦୟରେ ବିଦ୍ୟୁତ୍ ସଂଚାରଣ କରିଦେଲା । ସେ ଆଉ କେହି ନୁହନ୍ତି ମହାନ ରାଷ୍ଟ୍ରବାଦୀ ହିନ୍ଦୁ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ । ସେ ଜଣେ ହିଁ ଯୁବକ ଯିଏକି ଯୁଗ ଯୁଗ ପାଇଁ ସାରା ଯୁବ ସମାଜ ପାଇଁ ଆଦର୍ଶ ହୋଇ ରହିବେ, କାହିଁକି ନା ସେ ଯୁବାବସ୍ଥାରେ ହିଁ ଭାରତ ମା'ର ଦୁଃଖକୁ ଅନୁଭବ କରିବା ସହ ଯୁବାବସ୍ଥାରେ ହିଁ ଦେହତ୍ୟାଗ କରିଥିଲେ । ଭାରତର ମହାନ କବି ନୋବେଲ ପୁରସ୍କାରପ୍ରାପ୍ତ ରବୀନ୍ଦ୍ରନାଥ ଠାକୁରଙ୍କ ଉକ୍ତି ଥିଲା "ଯଦି କିଏ ଭାରତକୁ ଜାଣିବାକୁ ଚାହିଁ, ତା'ହେଲେ ବିବେକାନନ୍ଦଙ୍କୁ ପଢ଼" କାହିଁକି ନା ତାଙ୍କଠାରେ କିଛିବି ନକରାତ୍ମକତା ନଥିଲା କେବଳ ସକରାତ୍ମକ ହିଁ ସକାରତ୍ମକ ଥିଲା । ପ୍ରାଚୀନ ଓ ଆଧୁନିକ, ରାଷ୍ଟ୍ରୀୟତା ଓ ଅନ୍ତରାଷ୍ଟ୍ରୀୟତାର ଏବଂ ବିଜ୍ଞାନ ଓ ଆଧ୍ୟାତ୍ମିକତାର ଅପୂର୍ବ ମିଳନ ସ୍ୱାମୀ ବିବେକାନନ୍ଦଙ୍କଠାରେ ଥିଲା । କଲିକତାର ସୀମକାପଲି ଠାରେ ୧୮୬୩ ମସିହା ଜାନୁଆରୀ ୧୨ ତାରିଖ ଦିନ ବାପା ବିଶ୍ୱନାଥ ଦତ୍ତ ଏବଂ ମା ଭୁବନେଶ୍ୱରଦେବୀଙ୍କ କୋଳରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଶୈଶବ ଅବସ୍ଥାରେ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ପ୍ରତି ପ୍ରବଳ ରୁଚି ଥିଲା । ପିଲାଦିନେ ସେ ରାମ, ସୀତା, କୃଷ୍ଣ ଓ ଶିବ ଆଦି ମୂର୍ତ୍ତି ମାନଙ୍କ ସାମ୍ନାରେ ଖେଳୁ ଖେଳୁ ମଧ ପୂଜା ଏବଂ ଧ୍ୟାନରେ ନିମଗ୍ନ ହୋଇଯାଉଥିଲେ । ଯେତେବେଳେ ତାଙ୍କ ମା' ରାମାୟଣ ଓ ମହାଭାରତର ଯେଉଁ ଗପ ଶୁଣାଉ ଥିଲେ ତାହା ତାଙ୍କ ଜୀବନ ଉପରେ ଏତେ ଗଭୀର ମାତ୍ରାରେ ପ୍ରଭାବ ପଡୁଥିଲା ଯେ ସେ ଦୁଃଖୀ, ଗରିବ ଏବଂ ସାଧୁ ସନ୍ୟାସୀ ମାନଙ୍କୁ ଦେଖିଲେ ନିଜର ନୂଆ ବସ୍ତ୍ର ମାନ ଦାନ କରିବା ସହ ତାଙ୍କ ହୃଦୟ ସବୁବେଳେ ସେମାନଙ୍କ ପ୍ରତି ବିଚଳିତ ହେଉଥାଏ । ବାଲ୍ୟକାଳରୁ ହିଁ ସେ ପ୍ରତ୍ୟେକ ବିଷୟର ସନ୍ତୋଷଜନକ କାରଣ ଖୋଜୁଥିଲେ କାହିଁକି ନା ତାଙ୍କୁ ଜଣେ ଥରେ ବୃଦ୍ଧା କହିଲେ "ଏ ଗଛ ଚଢିବୁ ନାହିଁ ନଚେତ ଏ ଗଛରେ ଥିବା ଭୁତ ତତେ ଖାଇଦେବ" । ବାସ୍ତବରେ ସେ ଗଛରେ ଭୁତ ଅଛିକି ନାହିଁ ଜାଣିବା ପାଇଁ ନରେନ୍ଦ୍ର ସମ୍ପୂର୍ଣ୍ଣ ସଂଧ୍ୟା ସମୟରେ ସେ ଗଛରେ ବସିରହିଲେ । ପିଲାଦିନରୁ ସେ ଖେଳକୁଦ, ଶାସ୍ତ୍ର ଏବଂ ସଙ୍ଗୀତରେ ପାରଙ୍ଗମ ଥିବା ସହ ସାଙ୍ଗ ମାନଙ୍କ ମଧ୍ୟରେ ଅପ୍ରତିଦ୍ୱନ୍ଦୀ ନେତା ମଧ ଥିଲେ । ଦିନକୁ ଦିନକୁ ସେ ଯେତେ ବଡ଼ ହେଉଥାନ୍ତି ତାଙ୍କ ମଧ୍ୟରେ ଥିବା ସେ ଆଧ୍ୟାତ୍ମିକ ଚେତନାର ସ୍ତର ସେତେ ଜାଗ୍ରତ ହେଉଥାଏ ଏବଂ ତାଙ୍କୁ ବିଚଳିତ କରୁଥାଏ । ଯେ କେହି ଭଗବାନଙ୍କ ଅସ୍ତିତ୍ୱ ବିଷୟରେ ପଚାରିବା ଅତ୍ୟନ୍ତ ସ୍ୱାଭାବିକ କଥା କିନ୍ତୁ ପ୍ରଶ୍ନ କରି ଚୁପ ହେଇଯିବା ପର୍ଯ୍ୟନ୍ତ ନୁହେଁ ବରଂ ସେ ପ୍ରଶ୍ନକୁ ଅନୁସନ୍ଧାନ କରି ସିଦ୍ଧାନ୍ତରେ ଉପନୀତ ହେବା ପର୍ଯନ୍ତ ସେ ପ୍ରଶ୍ନ ପ୍ରେରଣା ଦେବା ଉଚିତ୍ । ସେ ବୋଧହୁଏ ଜଣେ ବ୍ୟକ୍ତି ଯିଏକି ଭଗବାନଙ୍କୁ ଦେଖିବା ପାଇଁ ବା ତାଙ୍କ ଅସ୍ତିତ୍ୱ ବିଷୟରେ ଜାଣିବା ପାଇଁ ପ୍ରବଳ ବ୍ୟଗ୍ର ଥିଲେ । ନରେନ୍ଦ୍ର ଯେତେବେଳେ ଅନେକ ବଡ଼ ବଡ଼ ଧାର୍ମିକ ନେତାମାନଙ୍କୁ ଭେଟିଲେ କିନ୍ତୁ କେହି ଜଣେବି ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ ତେଣୁ ଏହି ସାକ୍ଷାତ ପରେ ତାଙ୍କ ମନରେ ଆଧ୍ୟାତ୍ମିକତା ଅସ୍ଥିରତା ଆହୁରି ଜାଗ୍ରତ ହେଲା । କେହି ଜଣେ ତାଙ୍କ ସମ୍ପର୍କିତ ୧୮୮୧ ମସିହାରେ ଦକ୍ଷିଣେଶ୍ୱରରେ ଥିବା ରାମକୃଷ୍ଣ ପରମହଂସ ନାମକ ସନ୍ଥଙ୍କୁ ଭେଟିବା ପାଇଁ ପ୍ରେରଣା ଦେଇଥିଲେ । ବୋଧହୁଏ ସେଦିନ ଥିଲା ଦୁଇ ମହାନ ଆତ୍ମାଙ୍କ ଐତିହାସିକ ମିଳନର ଦିନ । ସ୍ୱାମୀ ଜୀ ଯେତେବେଳେ ପୁଣି ସେହି ପ୍ରଶ୍ନ ତାଙ୍କୁ ପଚାରିଛନ୍ତି ମହାଶୟ ଆପଣ କଣ ଈଶ୍ୱରଙ୍କୁ ଦେଖିଛନ୍ତି ? ରାମକୃଷ୍ଣ ସକରାତ୍ମକ ଉତ୍ତର ଦେଇ କହିଲେ, ଯେମିତି ତମକୁ ଦେଖୁଛି ବରଂ ଅଧିକ ଗାଢ଼ ଏବଂ ଭାବପୂର୍ଣ୍ଣ ଭାବରେ ଦେଖିଛି । ଏହି ଉତ୍ତର ହିଁ ସ୍ୱାମୀ ଜୀଙ୍କୁ ଆଶ୍ୱସ୍ତ କରିଥିଲା ଏବଂ ପରେପରେ ସେ ରାମକୃଷ୍ଣଙ୍କ ଶିଷ୍ୟ ଭାବରେ ଶିକ୍ଷା ଆହରଣ କଲେ । କିଛିଦିନ ପରେ ଯେତେବେଳେ ନରେନ୍ଦ୍ରଙ୍କ ପିତା ଦେହତ୍ୟାଗ କଲେ ଏମିତି ଏକ ସମୟ ଆସିଲା ଯେ ତାଙ୍କ ପରିବାରକୁ ଅନେକ ଅଭାବ ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ସେ ଯେତେବେଳେ ଗୁରୁଙ୍କ ପାଖକୁ ଗଲେ, ଗୁରୁ କହିଲେ ମା' କାଳୀଙ୍କ ପାଖରେ ପାର୍ଥନା କରିବା ପାଇଁ । ସେ ଯେତେବେଳେ ମନ୍ଦିର ଭିତରେ ଦେଖିଲେ, ଚିନ୍ମୟୀ ମା' ବରଦେବା ପାଇଁ ସ୍ମିତ ହାସ୍ୟ ମୁଦ୍ରାରେ ଛିଡା ହୋଇଛନ୍ତି । ସେ ଧନର ଆବଶ୍ୟକତା ଥିଲେ ମଧ ଧନ ନମାଗି କେବଳ ଜ୍ଞାନ, ବୈରାଗ୍ୟ ଏବଂ ଭକ୍ତି ମାଗିଥିଲେ । ବୋଧହୁଏ ଏହା ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ଆଧୁନିକ ଯୁବ ସମାଜ ପାଇଁ ଶ୍ରେଷ୍ଠ ଉଧାହରଣ ରୂପୀ ପ୍ରେରଣା ହୋଇପାରେ । ଯେତେବେଳେ ବିବେକାନନ୍ଦ ପରିବ୍ରାଜକ ରୂପରେ ସମଗ୍ର ଭାରତ ଭ୍ରମଣ କଲେ ଏବଂ ଶେଷରେ କନ୍ୟାକୁମାରୀରେ ଅବସ୍ଥିତ ଭାରତର ଶେଷ ଶିଳାଖଣ୍ଡରେ ତିନି ଦିନ ତିନି ରାତି ଧ୍ୟାନରେ ବସିଲା ପରେ ତାଙ୍କ ଆଖିଆଗରେ ନାଚି ଉଠିଲା ଭାରତର ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତ ଏବଂ ଦୁର୍ଗା ରୂପୀ ସ୍ୱଂୟ ଭାରତ ମା'ଙ୍କ ଦର୍ଶନ ମିଳିଲା । ଶେଷରେ ତାଙ୍କୁ ଅନୁଭବ ହେଲା ଯେ ଧର୍ମ ହିଁ ଭାରତର ଶକ୍ତି ଓ ସମ୍ପଦ ଆଉ ଭାରତର ପୁନଃଜାଗରଣ ଆଧ୍ୟାତ୍ମିକ ଚେତନା ଦ୍ୱାରା ହିଁ ସମ୍ଭବ ହୋଇପାରିବ । ଆଉ ସେହି ଅନ୍ତିମ ଶିଳା ଉପରେ ବସି ସେ ସ୍ୱୟଂ ନିର୍ଣ୍ଣୟ ନେଲେ ଯେ ସେ ପାଶ୍ଚାତ୍ୟ ଦେଶକୁ ଯିବେ ସେଠାରେ ଭାରତବର୍ଷର ଧର୍ମ ଆଉ ସଂସ୍କୃତିକୁ ସମଗ୍ର ବିଶ୍ୱରେ ପ୍ରଚାର ଆଉ ପ୍ରସାର କରି ନିଜ ଜୀବନର ଲକ୍ଷକୁ ପୂରଣ କରିବେ । ସତରେ ସ୍ୱାମୀ ଜୀ ତାଙ୍କ ଯୁବ ଅବସ୍ଥାରେ ମା' ଭାରତୀ ପାଇଁ ଏତେ ଭଲପାଇବା ଥିଲା ଯେ ସେ ୧୦,୦୦୦ ମାଇଲ ଦୂରରେ ଥିବା ଏକ ଅଜ୍ଞାତ ଓ ଅଜଣା ସ୍ଥାନକୁ ଏକାକୀ ଯିବାକୁ ସାହସ କରିଥିଲେ । ଯେତେବେଳେ ସେ ୧୮୯୩ ମସିହାରେ ବିଶ୍ୱ ଧର୍ମ ସମ୍ମିଳନୀ ପାଇଁ ଆମେରିକାର ଚିକାଗୋ ସହରରେ ପହଁଚିଲେ ତା' ପୂର୍ବରୁ ସେ ପାଶ୍ଚାତ୍ୟ ଦେଶର ଯୁବକ ମାନେ ଭୋଗ, ବିଳାସ ଓ କାମନା ବାସନାରେ ଭାସୁଥିଲେ ତାଙ୍କୁ ସେ ସମୟରେ ଭାରତର ଦୁଃଖ, ଦରିଦ୍ର ଓ ଯନ୍ତ୍ରଣାର ଛବି ତାଙ୍କ ଆଖି ସାମନାରେ ନାଚି ଉଠିଥିଲା । ତାଙ୍କୁ ସହରରେ ଯୁଆଡେ ଗଲେବି ତାଙ୍କୁ ବିଭିନ୍ନ ପ୍ରକାର କଷ୍ଟ, ଦୁଃଖ ଏବଂ ଖାଲି ନିନ୍ଦା ଆଉ ଅପମାନ ହିଁ ଦେଇଛନ୍ତି । କିନ୍ତୁ ସେ ତାକୁ ସହି ସେଦିନ ସେ ବିଶାଳ କକ୍ଷରେ ଥିବା ସମସ୍ତ ଧର୍ମର ଶ୍ରେଷ୍ଠ ପ୍ରତିନିଧିମାନଙ୍କୁ ପଛରେ ପକେଇ ସେ ଭିକ୍ଷାଥାଳି ଧରି ବୁଲୁଥିବା ନୀଚ, ଅଚିହ୍ନା ସନ୍ୟାସୀ ସେ ଧର୍ମ ମହାସଭାରେ ସର୍ବଶ୍ରେଷ୍ଠ ବ୍ୟକ୍ତି ହୋଇପାରିଥିଲା । ସେ ଏଭଳି ଜଣେ ବ୍ୟକ୍ତି ଥିଲେ ଯେ ତାଙ୍କ ନାମ, ଯଶ, ଖ୍ୟାତି ସୁଖର ଅଭିଳାଷ ନଥିଲା ବା ସେ ଆମେରିକାବାସୀଙ୍କ ବିଳାସ ବ୍ୟାସନର ଓ ଆତିଥେୟତା ଆଉ ପ୍ରଶଂସାରେ ଭାସି ନଯାଇ ଆରାମ ଦାୟକ ଗାଦିକୁ ଫୋପାଡି ଛୋଟ ପିଲାଙ୍କ ପରି ଚଟାଣରେ ଗଡି କାନ୍ଦୁଥିଲେ ଆଉ ପାର୍ଥନା କରୁଥିଲେ "ମା' ମୋ ଦେଶ ଆଜି ଘୋର ଦୁଃଖ, ଦୁର୍ଦ୍ଦଶା ଏବଂ ଦାରିଦ୍ରରେ ଥିବା ବେଳେ ମୋର ଯଶ ଆଉ ଖ୍ୟାତିର ଚିନ୍ତା କଣ ? ମା' ମୁଁ ସେମାନଙ୍କର ସେବା କିପରି କରିବି କୁହ" । ଏବଂ ସେ ଶେଷରେ ସେ ଆମେରିକାରେ ସାରା ବିଶ୍ୱବାସୀଙ୍କୁ ହୃଦୟଙ୍ଗମ କରିପାରିଥିଲେ ଯେ ଭାରତ ହେଉଛି ସମସ୍ତ ଦର୍ଶନ ଏବଂ ତତ୍ୱର ମାତା ଅଟେ । ସ୍ୱାମୀଜୀ ସବୁବେଳେ କହୁଥିଲେ ଯଦି ତମେ ଲଢେଇ କରିବାକୁ ଚାହଁ ତାହାଲେ ଜଙ୍ଗଲରେ ଥିବା ସିଂହ ସହ ଲଢ଼େଇ କର ଯଦିବା ତମେ ଚୋର ହେବାକୁ ବି ଚାହଁ ତାହାଲେ ରାଜାର ଧନ ଚୋରି କର କାହିଁକି ନା ସେ ସବୁବେଳେ ଚାହୁଁଥିଲେ ଯୁବ ସମାଜ ଜୀବନରେ ତମେ ଯାହାବି କର ସେଥିରେ ଶ୍ରେଷ୍ଠ ହୁଅ । ସେ ଆଧୁନିକ ଯୁବ ସମାଜ ଉପରେ ପ୍ରବଳ ବିଶ୍ୱାସ ରଖି କହୁଥିଲେ ଯେ ସିଂହର ସାହସ ନେଇ ଭାରତ ମାଆର ସବୁ ସମସ୍ୟାର ସମାଧାନ ଏଇ ଯୁବ ସମାଜ ହିଁ କରିପାରିବେ । ତାଙ୍କ ମନ ଭିତରେ ମା' ଭାରତୀକୁ ନେଇ ଏତେ ଦେଶ ପ୍ରେମର ଭାବ ଭରିଥିଲା ଯେ ସେ କହୁଥିଲେ ଭାରତର ସମସ୍ତ ଦେବା ଦେବୀଙ୍କୁ ଆଗାମୀ ପଚାଶ ବର୍ଷ ପର୍ଯ୍ୟନ୍ତ ଭୁଲି ଯାଇ କେବଳ ଭାରତ ମାଆର ଆରାଧନା କର କାହିଁକି ନା ପୁଣି ଥରେ ଭାରତ ବିଶ୍ୱଗୁରୁ ଆସନରେ ମଣ୍ଡିତ ହେଇପାରିବ । ଆଜିକାଲି ଆଧୁନିକ ଯୁବକ ଖେଳ ପଡିଆକୁ ଭୁଲି ମୋବାଇଲ ଫୋନରେ ଥିବା ଫ୍ରି ଫାୟାର, ପବଜି ଭଳି ଅନେକ ଗେମରେ ଆଜି ନିଜକୁ ନିୟୋଜିତ କରିଛନ୍ତି, କିନ୍ତୁ ଯଦି ଦେଖିବା ସେ ସମୟରେ ଜଣେ ଯୁବକ ଆସି ସ୍ୱାମୀଜୀଙ୍କୁ ପଚାରିଲା ମତେ ଗୀତା ବୁଝେଇ ଦିଅନ୍ତୁ ସ୍ୱାମୀଜୀ ତାଙ୍କୁ ତୁରନ୍ତ କହିଲେ ଯାଅ ତୁମେ ପଡ଼ିଆରେ ଫୁଟବଲ ଖେଳିବ କାହିଁକି ନା ଯଦି ତମକୁ ଗୀତାକୁ ବୁଝିବାକୁ ହେବ ଠିକ ତମର ସେଭଳି ଶକ୍ତିଶାଳୀ ଶରୀର ଦରକାର । ତା' ହେଲେ ଆଧୁନିକ ଯୁବ ପିଢ଼ି ଜାଗ୍ରତ ହୁଅ ଏଭଳି ଅଳସୁଆମୀ ମନୋଭାବକୁ ପରିତ୍ୟାଗ କରି ନିଜକୁ ଶକ୍ତିଶାଳୀ କରିବା ପାଇଁ ଆଜି ଖେଳପଡିଆରେ ନିଜର ଝାଳକୁ ବୁହେଇବାକୁ ପଡିବ । ଆମେ ହେଉଛେ ସେହି ମହାନ ପରମ୍ପରାର ପୂଜାରୀ ଆଉ ଭାରତବର୍ଷର ପୁନଃଜାଗରଣ ଧର୍ମ ଦ୍ୱାରା ହିଁ ସମ୍ଭବ କାହିଁକି ନା ଭାରତର ଜୀବନ ଧର୍ମରେ ହିଁ ପ୍ରତିଷ୍ଠିତ । ତ ଆମ ଜାତିର ଲକ୍ଷ୍ୟ କେବେ ବି ରାଜନୈତିକ କ୍ଷମତା ପ୍ରାପ୍ତି ବା ସାମରିକ ବଳପ୍ରୟୋଗ କରି କବଜା କରିବା ନଥିଲା । ଥିଲା "ସର୍ବ ଭାବନ୍ତୁ ଶୁଖିନଃ " ଏବଂ 'ବସୁଧୈବ କୁଟୁମ୍ବକମ' ଏଇ ଭଳି ଭାରତର ମହାନ ପରମ୍ପରା ଓ ପ୍ରାଚୀନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଆଗେଇ ଆସନ୍ତୁ ଯୁବପିଢ଼ି ।

**ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ,**
**ଢେଙ୍କାନାଳ**



## ସଂପାଦକୀୟ

# ଓମିକ୍ରନ୍ ସଂକ୍ରମଣ

କରୋନାର ନୂତନ ଭାରିଆଂଟ ଓମିକ୍ରନ୍ ସଂକ୍ରମଣ ଏବେ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିବା ବେଳେ ନାନା ବୈଜ୍ଞାନିକ, ଗବେଷକଙ୍କ ନାନା ମତ ସାମ୍ନାକୁ ଆସୁଛି । ବର୍ତ୍ତମାନ ପର୍ଯ୍ୟନ୍ତ କରୋନାର ତୃତୀୟ ଲହର ଆମ ଦେଶରେ ଚାଲିଥିବା ବେଳେ ଏହା ଡେଲ୍ଟା ଭାରିଆଂଟ୍ ଠାରୁ ଅତ୍ୟଧିକ ଘାତକ ସାବ୍ୟସ୍ତ ହୋଇନାହିଁ ଏଯାଏଁ । ତଥାପି କିନ୍ତୁ କରୋନାର ଉତ୍ପାତ୍କୁ ଅଣଦେଖା କରାଯାଇ ନପାରେ । ଏଣୁ ବାରମ୍ବାର ସରକାରଙ୍କ ପକ୍ଷରୁ କରୋନା କଟକଣା ଅନୁପାଳନ ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଥିବା ବେଳେ ଲୋକେ ସତର୍କ ରହିବା ମଧ୍ୟ ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ଆମକୁ ମନେ ପକାଇବାକୁ ହେବ ଯେ, କରୋନାର ଦ୍ୱିତୀୟ ଲହର ମାନବ ସମାଜ ପାଇଁ ବିଶେଷ ଘାତକ ସାବ୍ୟସ୍ତ ହୋଇଥିଲା । ଦେଶର ଅନେକ ଧନ ଜୀବନ ନଷ୍ଟ କରି ଦେଇଥିଲା କରୋନାର ଦ୍ୱିତୀୟ ଲହର । ତେବେ ଆଗାମୀ ସମୟରେ କରୋନାର ଓମିକ୍ରନ୍ ଭାରିଆଂଟ ପରେ ଆହୁରି ଏକ ଭାରିଆଂଟ ଆସୁଥିବା ନେଇ ଡବ୍ଲ୍ୟୁଏଚ୍ଓ ମୁଖ୍ୟ ସାରା ବିଶ୍ୱକୁ ଚେତାବନୀ ଦେଇଥିବା ମଧ୍ୟ ଜଣାପଡ଼ିଛି । ସେ ଯାହା ବି ହେଉ, କରୋନା କଟକଣା ମାନି ଚଳିବ ନିହାତି ଆବଶ୍ୟକ ।

ଏଠାରେ ସୂଚନାଯୋଗ୍ୟ ଯେ, କରୋନା ଆରମ୍ଭ ହେବା ସମୟରେ ଯେଉଁଭଳି କଡ଼ାକଡ଼ି ପଦକ୍ଷେପ ନିଆଯିବା ସହ ଲୋକଙ୍କ ମଧ୍ୟରେ କରୋନା ସଂକ୍ରମଣ ପ୍ରତି ବିଶେଷ ସତର୍କତା ରହିଥିଲା, ତାହା ଏବେ ମଧ୍ୟ ଜରୁରୀ ହୋଇ ପଡ଼ିଥିବା ଅନେକ ଗବେଷକମାନେ ମତବ୍ୟକ୍ତ କରିଛନ୍ତି । ଗବେଷକମାନେ ଏହା ମଧ୍ୟ ମତବ୍ୟକ୍ତ କରିଛନ୍ତି ଯେ, କରୋନାର ଦ୍ୱିତୀୟ ଲହର ବେଳେ ଭିତ୍ତିଭୂମିର ଅଭାବ ଓ ଜନସଚେତନତାର ଅଭାବ ଯୋଗୁଁ କରୋନା ସଂକ୍ରମଣ ଅତ୍ୟଧିକ ମାରାତ୍ମକ ହୋଇ ପଡ଼ିଥିଲା । ତେବେ ଏହାକୁ ଦୃଷ୍ଟିରେ ରଖି ଆମକୁ ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍ ମାନି ଚଳିବାକୁ ପଡ଼ିବ । ସବୁବେଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ବର୍ତ୍ତମାନ ମଧ୍ୟ ଅପରିହାର୍ଯ୍ୟ ।

# ବଲାଙ୍ଗିର ସହରରେ ବଢୁଛି ଅପରାଧ : ପୋଲିସ ଘାଇଁ ଘାଇଁ ପଇଁତରା ମାରୁଥିବା ସତ୍ୱେ ଅପରାଧ ଥମୁନି

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସହରରେ ବଢ଼ି ଚାଲିଛି ଅପରାଧ । ସହରରେ ମାତ୍ରାଧିକ ଅପରାଧିକ ଗତିବିଧିକୁ ରୋକିବା ପାଇଁ ବଲାଙ୍ଗିର ପୋଲିସ ସ୍ୱତନ୍ତ୍ର ସ୍କାର୍ଡ ଗଠନ କରି ସାରା ସହରରେ ଘାଇଁ ଘାଇଁ ପଇଁତରା ମାରୁଥିବା ସତ୍ୱେ ଅପରାଧ ଥମୁନି । ଗୋଟିଏ ପଟେ ନିଶା କାରବାରରେ ଯୁବ ସମାଜ ଲିପ୍ତ ଥିବା ଭଳି ଉଦ୍ବେଗଜନକ ସ୍ଥିତି ଦେଖାଯାଉଥିବା ବେଳେ ଅନ୍ୟପଟେ ଦିନ୍ ଦାହାଡ଼ା ଚୋରି, ଡକାୟତି, ଲୁଟ୍ ତରାଜ୍ ସହ ଗୁଣ୍ଡାଗର୍ଦ୍ଦି ବଢ଼ି ବଢ଼ି ଚାଲିଛି । ଗତ ୧୨ ତାରିଖ ଦିନ ସ୍ଥାନୀୟ କଂସାରୀପଡାର ଜ୍ୟୋତିରଂଜନ ବେଦବାଗ୍ଙ୍କ ଘର ସାମ୍ନାରେ ରଖା ଯାଇଥିବା ବାଇକ୍ରେ ନିଆଁ ଲଗାଇ ଦୁର୍ବୃତ୍ତ ମାନେ ଫେରାର୍ ହୋଇଥିବା ବେଳେ ଭୀମ ଭୋଇ ମେଡ଼ିକାଲ୍ କଲେଜ ହସ୍ପିଟାଲ୍ ପରିସରରୁ ରୋଗୀଙ୍କ ସଂପର୍କୀୟଙ୍କ ଠାରୁ ଦୁର୍ବୃତ୍ତମାନେ ଲୁଟିନେଲେ ନଗଦ ଟଙ୍କା । ଏଇ ଭିତରେ ପୁଣି କିଛି ଦୁର୍ବୃତ୍ତ ମାଛ ବଜାର ପାଇଁ ଆରମ୍ଭ ହୋଇଥିବା ନୂତନ ଭେଣ୍ଡିଂ ଜୋନ୍ରେ ନିଆଁ ଲଗାଇ ଦେଇଥିବା ବେଳେ ନିକଟରେ ରମାଇ ଟକିଜ୍ ସିନେମା ହଲ୍ ନିକଟସ୍ଥ ଏକ ମୋବାଇଲ୍ ଦୋକାନ ଭାଙ୍ଗି ଲକ୍ଷ ଲକ୍ଷ ଟଙ୍କାର ମୋବାଇଲ୍ ଫୋନ୍ ସହ ନଗଦ ଟଙ୍କା ଚୋରି କରି କଳାକନା ବୁଲେଇ ଦେଇଛନ୍ତି ଦୁର୍ବୃତ୍ତମାନେ । ସେହିପରି ଗତକାଲି ଘରୋଇ ବସ୍ଷ୍ଟେଣ୍ଡରୁ ଇଚ୍ଛାପଡ଼ାର ଜଣେ ମହିଳାଙ୍କ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ତେବେ ଏତେ ସବୁ ଅପରାଧିକ କାର୍ଯ୍ୟକଳାପ ସହରରେ ବଢ଼ି ବଢ଼ି ଚାଲିଥିବା ବେଳେ ପୋଲିସର ତତ୍ପରତା ଓ କାର୍ଯ୍ୟାନୁଷ୍ଠାନ ସଫଳ ହେଉନଥିବା ଚିନ୍ତାର ବିଷୟ ପାଲଟିଛି ।

# ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ପାଳନ

ଭୁବନେଶ୍ୱର, (ନିପ୍ର) : ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗତକାଲି ବିଭାଗୀୟ ସମ୍ମିଳନୀ କକ୍ଷଠାରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । କୋଭିଡ୍ ମାର୍ଗଦର୍ଶିକାର କଡାକଡି ଅନୁପାଳନ ସହ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।



# ଆଗଚକ ଫାଟି ଭାରସାମ୍ୟ ହରାଇଲା ଟ୍ରକ : ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର

ଦେବଗଡ : ଦେବଗଡ ଥାନା ଅନ୍ତର୍ଗତ ରାଂଚି-ବିଜୟୱାଡା ସୁପର କରିଡର ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ କୋଇଲା ଲୋଡ ଟ୍ରକର ଆଗ ଚକା ହଠାତ୍ ଫାଟି ଫଳରେ ଟ୍ରକ୍ ଡାଇଭର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି ।

ସୂଚନା ଅନୁସାରେ ଗତକାଲି ଅପରାହ୍ଣରେ ଏକ ୧୪ ଚକିଆ ଟ୍ରକ କୋଇଲା ବୋଝେଇ କରି ନିଜ ଲକ୍ଷ୍ୟ ପଥରେ ଆଗେଇଥିବା ବେଳେ ହଠାତ୍ ଏହି ଘଟଣା ଘଟିଥିଲା । ତେବେ ଆଗଚକ ଫାଟୁଫାଟୁ ଭାରସାମ୍ୟ ହରାଇ ରାସ୍ତାକଡକୁ ଢଳିପଡିଥିଲା ଟ୍ରକ୍ । ଡାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଇଛି ।




# କୁନି ଝିଅର ଉଚ୍ଚ ଆକାଂକ୍ଷା - ମୁଁ ଜର୍ଜ ହେବି ମ୍ୟାଡମ୍



ପାଟଣାଗଡ଼, (ଗୋରେଖନାଥ ବରିହା) : ଛୋଟ କୁନି ଝିଅ ମୁଁ ଜର୍ଜ ହେବି ମ୍ୟାଡମ ଅପରାଧୀମାନଙ୍କୁ ଉଚିତ୍ ଦଣ୍ଡ ଦେବି ବୋଲି କହିଥିବା ବିଷୟ ଏପରି ଏକ ଛୋଟ ଝିଅର ଫୋଟୋ ସହ ନିଜେ ପ୍ରସାଶନିକ ଅଧିକାରିଣୀ ଝିଅକୁ ନିଜ ସିଟ୍‌ରେ ବସାଇ ସୋସିଆଲ ମିଡିଆରେ ଛାଡିଥିବା ଦେଖିବାକୁ ମିଳିଛି ।

ସୂଚନା ଅନୁସାରେ ପାଟଣାଗଡ଼ ବ୍ଳକ ଅନ୍ତର୍ଗତ ବାଲିପଟା ପଞ୍ଚାୟତ ସାନକଲଙ୍ଗାପାଲି ଗ୍ରାମର ଦେବାନନ୍ଦ ସାହୁଙ୍କ ଝିଅ ଶୁଭଶ୍ରୀସାହୁ (୧୦) ସେ ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି । ଶୁଭଶ୍ରୀ ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ପରିକ୍ଷା ଦେବା ପାଇଁ ଜୋରସୋରରେ ପ୍ରସ୍ତୁତ ଚଲାଇଛନ୍ତି । ଶୁଭଶ୍ରୀଙ୍କ ଜାତିଗତ ପ୍ରମାଣପତ୍ର ଲାଗି ଗତ ୬ ଜାନୁୟାରୀ ଦିନ ବାପା ମା'ଙ୍କ ସହ ପାଟଣାଗଡ଼ ଯାଇଥିଲେ ବୋଲି ଶୁଭଶ୍ରୀଙ୍କ ବାପା ଦେବାନନ୍ଦ ସାହୁ କହିଛନ୍ତି । ଜାତିଗତ ପ୍ରମାଣପତ୍ର ପାଇଁ ତହସିଲଦାରଙ୍କ ଦସ୍ତଖତ ଆବଶ୍ୟକ ବୋଲି ଶୁଭଶ୍ରୀଙ୍କ ବାପା କହିବା ଶୁଭଶ୍ରୀ ଶୁଣିଥିଲେ । ତହସିଲ ଅଫିସରେ ଭିଡ଼ ଥିବାରୁ ଶୁଭଶ୍ରୀଙ୍କ ବାପା ଦେବାନନ୍ଦ ଓ ମା' ପୁଷ୍ପାଞ୍ଜଳି ସାହୁ ପାଟଣାଗଡ଼ କୋଟ ପରିସରରେ ବସିଥିବା ବେଳେ ଶୁଭଶ୍ରୀ ହଠାତ୍ ତହସିଲଦାରଙ୍କ ଅଫିସ ମଧ୍ୟକୁ ପଶିଯାଇଥିଲେ । ଶୁଭଶ୍ରୀଙ୍କୁ ଦେଖି ତହସିଲଦାର ଡ. ପୁଷ୍ପାଞ୍ଜଳି ପଣ୍ଡା ନିଜ ସିଟ୍‌ରେ ବସାଇ କାହିଁ ଆସିଛ ଓ କେତେ ପଢୁଛ ବୋଲି ପଚାରିଥିଲେ । ଶୁଭଶ୍ରୀ ନିଜ ପରିଚୟ ଦେବା ସହ ମୁଁ ପଞ୍ଚମ ଶ୍ରେଣୀରେ ପଢୁଛି ଆଉ ଆଦର୍ଶ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ପଢିବାକୁ ପ୍ରସ୍ତୁତ ଚଲାଇଥିବା କହିବା ସହ ଶୁଭଶ୍ରୀ ମୁଁ ଜର୍ଜ ହେବି ମ୍ୟାଡମ୍ ବୋଲି କହିଥିଲେ । ତହସିଲଦାର ଡ଼ ପଣ୍ଡା ଅନ୍ୟ ଚାକିରି ନକରି ଜର୍ଜ କାହିଁକି ହେବ ବୋଲି ପ୍ରଶ୍ନ କରିବାରୁ ଦୁନିଆରେ ବହୁତ ଅପରାଧ ଘଟୁଛି ମୁଁ ୟୁଟ୍ୟୁବରେ ଦେଖିଛି ତେଣୁ ମୁଁ ଜର୍ଜ ହେବି ମ୍ୟାଡମ ଅପରାଧୀମାନଙ୍କୁ ଉଚିତ୍ ଦଣ୍ଡ ଦେବି ବୋଲି କହିଥିଲେ ଶୁଭଶ୍ରୀ । ଗ୍ରାମାଞ୍ଚଳରୁ ଆସି କୁନି ଝିଅ ଶୁଭଶ୍ରୀ ଏପରି ନିର୍ଭୟରେ କହିଥିବାରୁ ତହସିଲଦାର ଡ଼ ପଣ୍ଡା ଶୁଭଶ୍ରୀଙ୍କୁ ନିଜ ସିଟ୍‌ରେ ବସାଇ ବାଦାମ ଖୁଆଇବା ସହ ଏକ ପେନ୍ ଦେଇଥିଲେ ବୋଲି ଶୁଭଶ୍ରୀ କହିଛନ୍ତି । ଶୁଭଶ୍ରୀଙ୍କ ବାପା ଦେବାନନ୍ଦ ମଧ ତହସିଲଦାର ଡ. ପଣ୍ଡାଙ୍କୁ ଧନ୍ୟବାଦ ଦେବା ସହ ଝିଅ ଶୁଭଶ୍ରୀର ଉଚ୍ଚ ଆକାଂକ୍ଷା ପୁରଣ କରିବା ଦିଗରେ ପ୍ରଶାସନର ସହଯୋଗ କାମନା କରିଛନ୍ତି ।

# ବିର୍କେଲ ଗ୍ରାମରେ ଚାଷୀଙ୍କ ସୁଖ ଦୁଃଖ ବୁଝିଲେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଗତକାଲି ଲୋଇସିଂହା ବ୍ଳକ ବିର୍କେଲ ଗ୍ରାମକୁ ପହଂଚି ଚାଷୀଙ୍କ ସୁଖ ଦୁଃଖର ସାଥୀ ହୋଇ ଛିଡା ହୋଇଛନ୍ତି । ଏହା କୌଣସି ରାଜନୈତିକ ସଭା କିମ୍ବା କର୍ମୀ ସମ୍ମିଳନୀ ନଥିଲା । ବିନା କାର୍ଯ୍ୟକ୍ରମରେ ଏଠାରେ ପହଂଚି ଥିଲେ ବିଧାୟକ ଶ୍ରୀ ମିଶ୍ର ସ୍ଥାନୀୟ ଚାଷୀଙ୍କୁ ଭେଟିବା ପାଇଁ ।

ସୂଚନା ଯୋଗ୍ୟ ଯେ, ୧୯୯୦ରେ ସେ ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ଦୁଇ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଏହି ସମାବେଶରେ ପ୍ରାୟ ଚାରି ଶହ ଲୋକ ଆସି ରୁଣ୍ଡ ହୋଇ ଶ୍ରୀ ମିଶ୍ରଙ୍କୁ ଭେଟି ନିଜର ସମସ୍ୟା ପ୍ରକାଶ କରିଥିଲେ ।

# କଂଗ୍ରେସର ପଞ୍ଚାୟତ ନିର୍ବାଚନୀ ପ୍ରସ୍ତୁତି : ସଦର ବ୍ଳକ କର୍ମୀଙ୍କୁ ନିର୍ବାଚନୀ ମନ୍ତ୍ର ଦେଲେ ନରସିଂହ, ମମିତା ହତ୍ୟାକାଣ୍ଡ, ନାରୀ ନିର୍ଯ୍ୟାତନା, ବ୍ଲକ ଦୁର୍ନୀତି ଓ ଚାଷୀସମସ୍ୟା ହେବ ମୁଖ୍ୟ ପ୍ରସଙ୍ଗ

ବଲାଙ୍ଗିର, (ନିପ୍ର) : ଆଗକୁ ନିର୍ବାଚନ । ପ୍ରସଙ୍ଗ ଅନେକ । ନାରୀ ନିର୍ଯ୍ୟାତନାରେ ସରକାରୀ ମନ୍ତ୍ରୀମାନଙ୍କର ସଂପୃକ୍ତି, ବ୍ଲକମାନଙ୍କରେ ସରକାରୀ ଦଳ ନେତାଙ୍କ ଦୁର୍ନୀତି, ଚାଷୀ ସମସ୍ୟା ଏବଂ ନିର୍ବାଚନୀ ସଂରକ୍ଷଣରେ ପଛୁଆ ବର୍ଗ ଓ ଜନଜାତିଙ୍କୁ ବାଦ ଦେବା ଘଟଣା ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଉଦ୍‌ବେଳିତ କରିଛି ବୋଲି ସାଧାରଣରେ ଆଲୋଚନା ଜୋର୍ ଧରିଛି । ସାଧାରଣ ଜନତା ଏହି ସବୁ ସମସ୍ୟାରୁ ମୁକୁଳିବା ପାଇଁ ବାରମ୍ବାର ଦାବୀ ଓ ଆନ୍ଦୋଳନ କରୁଥିଲେ ହେଁ ଏହି ଜନ ବିରୋଧୀ ନବୀନ ସରକାର ସେ ସବୁ ଭୃକ୍ଷେପ କରୁନାହିଁ ବୋଲି ମତ ପ୍ରକାଶ ପାଇଛି । ଓଲଟା ଏସବୁ ସମସ୍ୟାର ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କୁ କ୍ରମାଗତ ଭାବେ ସୁରକ୍ଷା ଦେବାରେ ଲାଗିଛି ବୋଲି ମତ ପ୍ରକାଶ ପାଇଛି । ତେଣୁ ଆଜିର ଉପସ୍ଥିତ ଥିବା ବଲାଙ୍ଗିର ସଦର ବ୍ଲକର ପଞ୍ଚାୟତସ୍ତରୀୟ ନେତୃବୃନ୍ଦମାନେ ସରକାରଙ୍କ ଏହି ଦୋଷ ଦୁର୍ବଳତାକୁ ନେଇ ଗାଁକୁ ଗାଁ, ଘରକୁ ଘର ଯାଇ ଲୋକଙ୍କ ଆଗରେ ସରକାରର ମୁଖା ଖୋଲନ୍ତୁ ବୋଲି ସଦର ବ୍ଲକ ସ୍ଥିତ ଛତାମଖନା ଠାରେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ଅନୁଷ୍ଠିତ ହୋଇଥିବା ଏକ ପ୍ରସ୍ତୁତି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଉପସ୍ଥିତ ନେତୃବୃନ୍ଦଙ୍କୁ କହିଛନ୍ତି । ବ୍ଲକ କଂଗ୍ରେସ କମିଟି ସଭାପତି ରାମପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଗାଁକୁ କାମ ଦେବା ନାଁରେ ଏହି ସରକାର ଓ ତାଙ୍କ ଦଳର କର୍ମୀମାନେ ଦୁର୍ନୀତି ରେ ଲିପ୍ତ ରହିଛନ୍ତି । ମାଁକୁ ସମ୍ମାନ ଦେବା କଥା କହୁଥିବା ଏହି ସରକାର ମମିତା ହତ୍ୟାକାଣ୍ଡରେ ସଂପୃକ୍ତି ଥିବା ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛି । ଚାଷୀ ତା'ର ଅମଳର ଠିକ ମୂଲ୍ୟ ପାଉ ନାହିଁ । ପଛୁଆ ବର୍ଗ ତଥା ଆଦିବାସୀଙ୍କୁ ନିର୍ବାଚନୀ ସଂରକ୍ଷଣରୁ ବାଦ ଦେଇ ତାଙ୍କର ସାମ୍ବିଧାନିକ ଅଧିକାରକୁ ହନନ କରିଛି । ଏହି ସବୁ ଚିତ୍ର ଓ ଚରିତ୍ରକୁ ନେଇ ଆମ ଦଳର କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସମର୍ଥନ ଲୋଡନ୍ତୁ, ଦେଖିବେ ଦଳ ନିଶ୍ଚିତ ଭାବେ ବିଜୟୀ ହେବ ବୋଲି କହିଛନ୍ତି । ଉପସ୍ଥିତ ଥିବା ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ନେତା ଓ କର୍ମୀମାନଙ୍କ ମଧ୍ୟରେ ଏକତା ରଖି ନିର୍ବାଚନୀ ଯୋଜନାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରି ପାରିଲେ ଆମେ ନିଶ୍ଚୟ ବିଜୟ ଲାଭ କରିବା ବୋଲି କହିଥିଲେ । ଆଜିର ବୈଠକରେ ସରପଞ୍ଚ ସମିତି ସଭ୍ୟ ତଥା ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଉଭୟ ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀଚୟନକୁ ନେଇ ବିଭିନ୍ନ ପ୍ରସ୍ତାବ ଆସିଥିଲା । ଜୋନ ୨୨ଟି ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବରେ ଯୋଶବନ୍ତି ବଘାର ଓ ଜୋନ ୨୩ର ନିଳାଦ୍ରୀ ସେଠଙ୍କ ନାମକୁ ନେଇ ଉପସ୍ଥିତ ଥିବା ନେତା ତଥା କର୍ମୀଗଣ ସମ୍ମତି ପ୍ରକାଶ କରିଥିଲେ ।

ଏହି ବୈଠକରେ ଡିସିସି ସଭ୍ୟ ରାଧାକାନ୍ତ ଭୋଇ, ବିଧାୟକ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ପ୍ରଧାନ, ସଦର ବ୍ଲକ ଉପଧକ୍ଷା ଯୋଶବନ୍ତି ବଘାର, ଲୋକନାଥ କୁମୁରା, ଶ୍ରୀଧର ବାରିକ, ବିଞ୍ଚାନେନ୍ଦ୍ର ମିଶ୍ର, ସଂକୀର୍ତନ ମେହେର, ମୋନା କୁମାରୀ ଭୋଇ, ସଞ୍ଜିବ ପ୍ରଧାନ, ରାଜା ପଣ୍ଡା, ଗୋପି ପଟେଲ, ପ୍ରକାଶ ବରେଇ, ଶ୍ରୀପତି ପ୍ରଧାନ, ପଞ୍ଚା ଘିବେଲା, ମହେନ୍ଦ୍ର ମଲିକଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତରୁ ଦଳୀୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ । ଏହି ସଭାରେ କଂଗ୍ରେସ ଦଳର ଆଦର୍ଶ ଓ ନରସିଂହ ମିଶ୍ରଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଫାସଡର ଯୁବ ନେତା ନିପୁନ ନାଏକ ଓ ସକମାର ପ୍ରେମାନନ୍ଦ ସ୍ୱାଇଁ ଆଜି କଂଗ୍ରେସ ଦଳରେ ଯୋଗଦାନ କରିଛନ୍ତି ।

# ଜନବସତି ଭିତରେ ବାଘ



ନୂଆପଡା : ନୂଆପଡା ସଦର ବ୍ଳକ ଧରମବନ୍ଧା କୁଟରେଙ୍ଗାପଡା ଗ୍ରାମରେ ବାଘ ଆତଙ୍କ ଖେଳାଇ ଦେଇଥିବା ସୂଚନା ମିଳିଛି । ଗ୍ରାମ ନିକଟରେ ଏକ ଗାଇକୁ ମାରି ଖାଇଛି ବାଘ । ଗତକାଲି ଏଭଳି ଏକ ଘଟଣା ଘଟିଛି କୁଟରେଙ୍ଗାପଡା ଗ୍ରାମରେ । ସୂଚନା ଅନୁସାରେ ଗତକାଲି ଉକ୍ତ ଗ୍ରାମର ଅଗନ ମାଝୀ ତାଙ୍କ ଗାଇମାନଙ୍କୁ ଗାଈ ଗୁହାଳରୁ ବାହାର କରି ଜଙ୍ଗଲକୁ ଚରାଇବା ପାଇଁ ନେଇ ଯାଇଥିଲେ । ଠିକ୍ ଏହି ସମୟରେ ହଠାତ୍ ବାଘ ଆସି ଗାଈଟିର ତଣ୍ଟିଟିକୁ କାମୁଡି ଜଙ୍ଗଲ ଭିତରକୁ ଟାଣି ନେଇଥିଲା । ଏହା ଦେଖି ଗ୍ରାମର ଲେକେ ଚିତ୍କାର କରିବାରୁ ଗାଈଟିକୁ ସେଠି ପକାଇ ଦେଇ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା । ଏହି ଖବର ପାଇ ସାଙ୍ଗେ ସାଙ୍ଗେ ବନବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ବାଘର ପାଦ ଚିହ୍ନ ଠାବ କରିଥିଲେ । ଏକାକୁ ନେଇ ଜନସାଧାରଣ ସାବଧାନ ହେବାକୁ ବନବିଭାଗ ତରଫରୁ କୁହାଯାଇଛି । ଅନ୍ୟପକ୍ଷରେ ସାରା ଅଞ୍ଚଳରେ ବାଘକୁ ନେଇ ଆତଙ୍କ ଖେଳି ଯାଇଥିବା ଦେଖାଦେଇଛି ।

# ୫ ବସ୍ତା ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତ ଗିରଫ



ଛତ୍ରପୁର, (ନିପ୍ର) : ଗଞ୍ଜାମ ଜିଲ୍ଲା ଛତ୍ରପୁର ରେଳଷ୍ଟେସନରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଛତ୍ରପୁର ରେଳଷ୍ଟେସନରୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ୫ ବସ୍ତା ଗଞ୍ଜେଇ ଜବତ ସହ ୨ ଜଣ ଅଭିଯୁକ୍ତଙ୍କୁ ଆର୍‌ପିଏଫ୍ ପୋଲିସ ଗିରଫ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ୨ ଜଣ ପୁରୁଷୋତ୍ତମପୁରର ସଞ୍ଜୟ ମହାପାତ୍ର ଓ କାଳୁଚରଣ ବେହେରା ବୋଲି ଜଣାପଡିଛି । ୫ଟି ବସ୍ତାରେ ପ୍ରାୟ ୪୮କେ.ଜି. ୪୦୦ଗ୍ରାମ ଗଞ୍ଜେଇ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷରୁ ଅଧିକ ହେବ ବୋଲି ସୂଚନା ମିଳିଛି ।

# ଶୁଲିଆ ପୀଠରେ ନରସିଂହ : ଦର୍ଶନ କରି ଲୋକଙ୍କ ମଙ୍ଗଳ କାମନା କଲେ

ବଲାଙ୍ଗିର, (ନିପ୍ର) : ପବିତ୍ର ଶୁଲିଆ ପୀଠକୁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପହଞ୍ଚି ଶୁଲିଆ ବୁଢାଙ୍କ ଦର୍ଶନ କରିଥିଲେ । ପ୍ରଚୀନ କାଳରୁ କନ୍ଧ ଆଦିବାସୀମାନଙ୍କର ଏହି ପବିତ୍ର ପୀଠରେ କନ୍ଧ ଆଦିବାସୀମାନେ ନିଜର ମାନସିକ ପୂରଣ ପାଇଁ ଶୁଲିଆ ପୀଠରେ ବିଭିନ୍ନ ପ୍ରକାର ପଶୁ, ପକ୍ଷୀ ବଳି ଦେଇଥାନ୍ତି । ପରମ୍ପରା ଓ ବିଶ୍ୱାସ ଯୋଗୁଁ ଏହି ପୀଠରେ ଆଜି ବଲାଙ୍ଗିର ଓ ସୋନପୁର ଜିଲ୍ଲା ସମେତ ପାଖ ରାଜ୍ୟ ଛତିଶଗଡରୁ ମଧ ଅନେକ ଶ୍ରଦ୍ଧାଳୁ ଶୁଲିଆ ପୀଠକୁ ଦର୍ଶନ ପାଇଁ ଆସନ୍ତି । ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର ପୂର୍ବ ବର୍ଷମାନଙ୍କ ପରି ଏ ବର୍ଷ ମଧ ଶୁଲିଆ ବାବାଙ୍କ ଦର୍ଶନ କରି ଏ ସମଗ୍ର ଅଞ୍ଚଳର ଲୋକଙ୍କ ପାଇଁ ମଙ୍ଗଳ କାମନା କରିଥିଲେ । ଏଠାରେ ପୂଜା ହେଉଥିବା ଉଭୟ ଖଳା ଯଥା ସାନ ଖଳା ଏବଂ ବଡ ଖଳା ଏବଂ ବଲାଙ୍ଗିର ସଦର ବ୍ଲକ ସ୍ଥିତ ମିର୍ଦ୍ଧାପାଲିରେ ଚାଲିଥିବା ଶୁଲିଆବାବାଙ୍କ ପୀଠଙ୍କୁ ମଧ ଦର୍ଶନ କରିଥିଲେ । ଏ ଦର୍ଶନ ସମୟରେ ତାଙ୍କ ସହିତ ଶୁଲିଆ ଯାତ୍ରା କମିଟିର ପୂଜକ ଓ କର୍ମକର୍ତ୍ତାମାନେ ପୂଜା ତଥା ଯାତ୍ରା ସମ୍ବନ୍ଧୀୟ ବିଭିନ୍ନ ସୁବିଧା ଅସୁବିଧା ବାବଦରେ ଆଲୋଚନା କରିଥିଲେ । ଆଜିର ଏହି ଶୁଲିଆବାବା ଦର୍ଶନ ସମୟରେ ବିଧାୟକ ଶ୍ରୀ ମିଶ୍ରଙ୍କ ସହ ଆଦିବାସୀ ନେତା ମୟ ପ୍ରଧାନୀ, ମନବୋଧ ହରପାଲ, କୁଲତାପଡା ଗଉଁନ୍ତିଆ, ଗୁଡଖାପଲାରୁ ଶ୍ରୀ ଦାଶବାବୁ, ଗଇରଗୁଡାର ମଙ୍ଗଳୁ ପାଣି, ଅସୀତ ମିଶ୍ର, ରାମାଜୀ ଚୌଧୁରୀ, କାନ୍ତେଶ୍ୱର ପ୍ରଧାନ, ପପୁ ପାତ୍ର, କୁନା ସାହୁଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।



# ଭାଇ ବୋହୁକୁ ଅସଦାଚରଣ କରିବା ଅଭିଯୋଗରେ ଜେଲଗଲେ ଦେଢଶୁର

ପାଟଣାଗଡ଼, (ନିପ୍ର) : ବଡ଼ଭ୍ରାତା ପିତୃ ତୁଲ୍ୟ ଏବଂ ବଡ଼ ବୋହୂ ମାତା ସମାନ ବୋଲି କାହିଁ କେତେ ଯୁଗରେ ମାନିବା ସହିତ ସମ୍ମାନ ଦେବା ପରଂପରା ପ୍ରଥା ରହିଛି । ପିତାଙ୍କ ଦେହାନ୍ତ ପରେ ବଡ଼ ପୁଅ ପିତାଙ୍କ ପରି ଘରର ସମସ୍ତ ଭାର ସମ୍ଭାଳିବା ପାଇଁ ଦାୟିତ୍ୱ ନେଇଥାନ୍ତି ହେଲେ ବର୍ତ୍ତମାନ ଯୁଗରେ ବିପରୀତ ଦେଖାଦେଇ ପିତା ତୁଲ୍ୟ ବଡ଼ ଭାଇ ନିଜ ଭାଇ ବୋହୁଙ୍କୁ ଅସଦାଚରଣ ଅଭିଯୋଗରେ ଜେଲଯାଇଛନ୍ତି ।

ସୂଚନା ଅନୁସାରେ ପାଟଣାଗଡ଼ ଥାନା ଝୁଲେନବର ଅଞ୍ଚଳର ମୃତ ଓଏଏସ୍‌ପି ଯବାନଙ୍କ ବିଧବା ପତ୍ନୀଙ୍କୁ ତାଙ୍କ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ତାଙ୍କ ନିଜ ଦେଢଶ୍ୱଶୁର ନିଶାଶକ୍ତ ହୋଇ ମହିଳାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ । ମହିଳା ସେଠାରୁ ଉପସ୍ଥିତ ନିଜ ବୁଦ୍ଧି ବଳରେ ସେଠାରୁ ଖସି ପଳାଇ ଆସିଥିଲେ । ମହିଳା ଜଣକ ପାଟଣାଗଡ଼ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦେଢଶ୍ୱଶୁରଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ଦେଢଶ୍ୱଶୁରଙ୍କୁ କୋଟ ଚାଲାଣ କରିଥିଲା । କୋଟରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତରେ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି ।

# କୋଭିଡ କଟକଣା ମଧ୍ୟରେ ପାଳିତ ହେବ ଜିଲ୍ଲା ସ୍ତରୀୟ ଜନରାଜ୍ୟ ଦିବସ : ଗଞ୍ଜାମ ଜିଲ୍ଲାପାଳ

ବ୍ରହ୍ମପୁର, (ନିପ୍ର) : ଗୃହ ବିଭାଗର ନିର୍ଦ୍ଦେଶ ପ୍ରକାରେ ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ ହେବ । କୋଭିଡ କଟକଣା ଯୋଗୁଁ ବୈଠକ ବଦଳରେ ଆଲୋଚନା କରାଯାଇ, ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସଟିକୁ ପାଳନ କରିବା ନେଇ ଜିଲ୍ଲାପାଳ ବିଜୟ ଅମୃତା କୂଳଙ୍ଗେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷରେ ପାଳିତ ହେବାକୁ ଥିବା ଏହି ଦିବସଟି ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତି ବିଶେଷ ଓ ପୋଲିସ ବିଭାଗର ମିଳିତ ସହଯୋଗରେ ଏହି ଜାତୀୟ ଦିବସ ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ ପଡିଆଠାରେ ଅନୁଷ୍ଠିତ ହେବ । ଓଏସ୍ଏପି ଅଷ୍ଟମ ବାଟାଲିୟନ, ଏପିଆର ଫୋର୍ସ ଏବଂ ପୋଲିସ ହୋମ ଗାର୍ଡଙ୍କ ଦ୍ୱାରା ସମୁଦାୟ ତିନି ଗୋଟି ଦଳ ଏହି ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ । ଓଏସ୍ଏପି ଅଷ୍ଟମ ବାଟାଲିୟନ ଦଳଙ୍କ ଦ୍ୱାରା ଘୋଷ ବାଦ୍ୟ ପରିବେଷଣ କରାଯାଇ ପ୍ୟାରେଡ଼ ପରିଚାଳନା ହେବ । ଏଥି ସକାଶେ ଚଳିତ ମାସ ୨୨ତାରିଖଠାରୁ ୨୪ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୭ଘଟିକା ଠାରୁ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ । ଉକ୍ତ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୫ଘଟିକା ସମୟରେ ଛତ୍ରପୁର ସହରରେ ରାମଧୂନ ପରିବେଷଣ ହେବ । ସାଧାରଣତନ୍ତ୍ର ଦିବସ ଦିନ ପୂର୍ବାହ୍ନ ୮ଘଟିକା ୩୦ ମିନଟ ସମୟରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ୟାରେଡ଼ରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କାରିବେ । ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ଉକ୍ତ ଦିନ ପୂର୍ବାହ୍ନ ୭ଘଟିକା ସମୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବେ । ଏହି ସମସ୍ତ ଅନୁଷ୍ଠାନ ଗୁଡ଼ିକରେ ସିମିତ ସଂଖ୍ୟକ ବ୍ୟକ୍ତି ବିଶେଷଙ୍କୁ ନେଇ କୋଭିଡ ନିୟମର ସମ୍ପୂର୍ଣ୍ଣ ପାଳନ ପୂର୍ବକ ଏହି ଜାତୀୟ ଦିବସ ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପ୍ୟାରେଡ଼ ପଡ଼ିଆର ସଫେଇ, ସେନିଟାଏଜେସନ, ଜଳ ଯୋଗାଣ, ତୋରଣ ନିର୍ମାଣ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ସିମିତ ଲୋକ ଏବଂ ସାମ୍ବାଦିକଙ୍କ ବସିବା ନିମନ୍ତେ ସୁବ୍ୟବସ୍ଥା, ପ୍ୟାରେଡ଼ ଅଭ୍ୟାସ ଇତ୍ୟାଦି ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଲୋଚନାରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡିଆଇପିଆର୍‌ଓ ରବି ନାରାୟଣ ବେହେରା ଅଂଶ ଗ୍ରହଣ କରିଥିଲେ ।

# ଜେକେ ଜୁନିଅର କଲେଜରେ ଯୁବ ଦିବସ ପାଳନ




କଳାହାଣ୍ଡି, (ନିପ୍ର) : କର୍ଲାମୁଣ୍ଡା ବ୍ଲକର ରିଷିଡା ସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଶାଖା ଆନୁକୂଲ୍ୟରେ ଜାନୁଆରୀ ୧୨ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ୧୬୦ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି । କୋଭିଡ ନିୟମ ଅନୁପାଳନ ପୂର୍ବକ ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜୁନିଅର କଲେଜ ପରିସରରେ ସ୍ୱାମୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ୱେଚ୍ଛାସେବୀ ବୃନ୍ଦ ରାଷ୍ଟ୍ର ନିର୍ମାଣରେ ନିଜକୁ ନିୟୋଜିତ କରିବା ପାଇଁ ସଂକଳ୍ପ ନେଇଥିଲେ । ପରେ ଏକ ସଂକ୍ଷିପ୍ତ ସଭାରେ ସ୍ୱାମୀଜୀଙ୍କ ସ୍ତୁତିଚାରଣ ପୂର୍ବକ ରାଷ୍ଟ୍ରୀୟ ଯୁବ ଦିବସର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଆଲୋଚନା କରି ଭାରତର ପୁନଃନିର୍ମାଣରେ ଏକ ସଶକ୍ତ ପ୍ରତିବଦ୍ଧ ଏବଂ ନିଷ୍ପାପର ଯୁବଶକ୍ତିର ଆବଶ୍ୟକତା ଅଛି ବୋଲି ମତ ଦେଇଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନୀଳାମ୍ବର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ସ୍ୱେଚ୍ଛାସେବୀମାନଙ୍କୁ ଶପଥ ପାଠ କରାଇଥିଲେ ଓ ରେଡ଼କ୍ରସ ଅଫିସର ଅଧ୍ୟାପକ ଗିରିରାଜ ଗହିର ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରନ୍ଥପାଳ ଚିନ୍ମୟ ରଣା, କ୍ରୀଡା ଶିକ୍ଷକ ଲଳିତ ଦାସ, କିରାଣୀ ଚନ୍ଦନ ରଣା, ପାଣ୍ଡବ ହରିଜନ, ରେଡ ରିବନ କ୍ଲବର ଛାତ୍ରୀ ବୃନ୍ଦ ତଥା ଅନ୍ୟାନ୍ୟ କର୍ମଚାରୀ ସହାୟତା କରିଥିଲେ ।

# ପୁଣି ରକ୍ତ ରଞ୍ଜିତ ହେଲା ଶୁଲିଆ ପୀଠ : ୪ ପ୍ଲାଟୁନ ଫୋର୍ସ ଓ ୧୫ ଜଣ ପୋଲିସ ଅଧିକାରୀଙ୍କୁ ମୁତୟନ, ପରମ୍ପରା ଆଗରେ ହାର ମାନିଲା ପ୍ରଶାସନ



ବଲାଙ୍ଗିର, (ନିପ୍ର) : ପୁଣି ରକ୍ତ ରଞ୍ଜିତ ହୋଇଛି ବଲାଙ୍ଗିର ଜିଲ୍ଲା ଖଇରଗୁଡାର ଶୁଲିଆ ପୀଠ । ପଡିଲା ହଜାର ହଜାର ପଶୁ ପକ୍ଷୀଙ୍କ ବଳି । ପରମ୍ପରା ଆଗରେ ହାର ମାନିଲା ଜିଲ୍ଲା ପ୍ରଶାସନ । ତେବେ ବଲାଙ୍ଗିର ଜିଲ୍ଲାର ଦେଓଗାଁ ବ୍ଲକ୍ ଖଇରଗୁରା ଓ କୁମରିଆ ଗାଁର ସାନଖଳା ଓ ବଡଖଳା ପୁଣି ରକ୍ତରଂଜିତ ହୋଇଛି । ଏଠାରେ ଭୋରରେ କୋଭିଡ୍ କଟକଣା ଭିତରେ ନୀତିକାନ୍ତି ସମାପନ ହୋଇଛି । ଆଦିବାସୀଙ୍କ ସୁଲିଆ ଯାତ୍ରାରେ ଭୋର ସମୟରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ପାଟବୋଦା ଶୋଭା-ଯାତ୍ରା ଅନୁଷ୍ଠିତ ହେବା ପରେ ଉପରୋକ୍ତ ସ୍ଥାନରେ କୁକୁଡା ବଳିପଡିଛି । ତେବେ ଏହି ଉତ୍ସବ ଫିକା ପଡିଛି । ଆଦି ସଂସ୍କୃତିର ଆଦି ପରମ୍ପରା ଆଦିବାସୀଙ୍କ ଶୁଲିଆ ଯାତ୍ରା । ଭିନ୍ନ ଏ ଯାତ୍ରାର ନୀତିନିୟମ । ଆଦିବାସୀ ପରମ୍ପରା ଅନୁଯାୟୀ ଏଠି ବଳି ଦେବାର ପ୍ରଥା ଓ ପରମ୍ପରା ରହିଛି । କନ୍ଧ ଆଦିବାସୀଙ୍କ ମତରେ ଶୁଲିଆ ବୁଢା ଏକ ମାନସିକ ଦିଅଁ । ତେଣୁ ଅନେକ ଲୋକଙ୍କର ମାନସିକ ପୂରଣ ହେଉଥିବାରୁ ଲୋକେ କୁକୁଡା, ବୋଦା, ମେଣ୍ଢା ଓ ପୋଢ ଭୋଗ ଆକାରରେ ଆଣିଥାନ୍ତି । ଏପରିକି ଜିଲ୍ଲା ବାହାରରୁ ବି ଭକ୍ତଙ୍କ ସୁଅ ଛୁଟିଥାଏ । ହଜାର ହଜାର ପଶୁ ବଳିରେ ରକ୍ତରଂଜିତ ହୋଇଯାଏ ଦେଓଗାଁ ବ୍ଲକ୍ ଖଇରଗୁରା ଓ କୁମରିଆ ଗାଁର ସାନଖଳା ଓ ବଡଖଳା । କାହିଁ କେତେ ବର୍ଷରୁ ଚାଲିଆସିଛି ଆଦିବାସୀଙ୍କ ଏ ପ୍ରଥା ଓ ପରମ୍ପରା । ବିଗତ ଦିନରେ ସାଧାରଣ ଲୋକଙ୍କୁ ବଳି ବିରୋଧରେ ସଚେତନ କରିବା ପାଇଁ କିଛି କିଛି ପଦକ୍ଷେପ ନେଉଥିଲା ଜିଲ୍ଲା ପ୍ରଶାସନ । ହେଲେ ଏଥର ଖାମୋସ । କୌଣସି ଗାଁରେ ସଚେତନ କାର୍ଯ୍ୟକ୍ରମ ହୋଇନାହିଁ । ସେପଟେ ରାତିପାହିଲେ ଶୁଲିଆ ଯାତ୍ରା । ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି । ସୋମବାର ସକାଳୁ ଅସ୍ତ୍ର ପୂଜା ସରିଛି । ମଝି ରାତିରେ ନିଶି ପୂଜା ହୋଇଛି । ବଡି ଭୋରରୁ ପରମ୍ପରା ଅନୁଯାୟୀ ଶୁଲିଆ ବୁଢାକୁ ଆବାହନ କଲା ପରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଦୁଲଦୁଲି ବାଜାର ତାଳେ ତାଳେ ଶୋଭାଯାତ୍ରାରେ ଯିବେ କନ୍ଧ ଆଦିବାସୀ । ପ୍ରଥମେ ପାଟ ବୋଦାକୁ ବଳି ଦେଲା ପରେ ଭକ୍ତ ଆଣିଥିବା ପଶୁପକ୍ଷୀଙ୍କୁ ହାଣି ଚାଲିବେ ନିୟୋଜିତ ଝାଙ୍କରମାନେ । ଆଧୁନିକ ଯୁଗରେ ଏଭଳି ଏକ ମଧ୍ୟଯୁଗୀୟ ପରମ୍ପରା ଆଜି ବି ପ୍ରତିବର୍ଷ ପାଳିତ ହୋଇଆସୁଛି । ବଳପ୍ରୟୋଗ କରି ବଳି ବନ୍ଦ କରିବା ପାଇଁ ବିଗତ ଦିନରେ ଚେଷ୍ଟା କରିଥିଲା ପ୍ରଶାସନ । କିଛିକାଂଶରେ ସଫଳ ବି ହୋଇଥିଲା । ମୁଖ୍ୟ ଶୁଲିଆ ପୀଠ ମୁଖ୍ୟପୂଜା ସ୍ଥଳୀରେ କିଛି ବର୍ଷ ଧରି ବଳି ବନ୍ଦ ବି ରହିଥିଲା । ହେଲେ ନିଜ ପରମ୍ପରା ଉପରେ ହସ୍ତକ୍ଷେପ ଅଭିଯୋଗ କରି ଭାଗ ହୋଇ ଯାଇଥିଲେ ଆଦିବାସୀ । ଅନ୍ୟ ଖଳା କରି ପରମ୍ପରାକୁ ବଜାୟ ରଖିଥିଲେ । ପ୍ରଶାସନର ବାରଣ ସତ୍ୱେ ଜୋରଜବରଦସ୍ତ ବଳି ଦେଇଥିଲେ । କିଛି ସଂଗଠନର କର୍ମକର୍ତ୍ତା ଓ ଶୁଲିଆ ପୀଠର ମୁଖ୍ୟପୂଜକ ହାଇକୋର୍ଟରେ ଆବେଦନ କରିଥିଲେ । କିନ୍ତୁ ସୁପ୍ରିମକୋର୍ଟଙ୍କ ମତରେ କାହାରି ପରମ୍ପରାରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ।

# ଭାରତୀୟ କିଷାନ ସଂଘ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ଦାବୀପତ୍ର



କଟକ : ଭାରତୀୟ କିଷାନ ସଂଘ କଟକ ଓଡ଼ିଶା ପକ୍ଷରୁ କଟକ ସଦର ବ୍ଲକ ବାରଙ୍ଗ, ନିଶ୍ଚିନ୍ତକୋଇଲି, ମାହାଙ୍ଗା, ବାଙ୍କୀ ୧, ବାଙ୍କୀ ୨, ଆଠଗଡ଼, କଣ୍ଟାପଡା, ତିଗିରିଆ ଆଦି ବହୁ ବ୍ଲକର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏମ୍ଏସ୍ପିର ମୂଲ୍ୟ ବୃଦ୍ଧି କରିବା ନେଇ କାର୍ଯ୍ୟକର୍ତା ବର୍ଗ ମହାମହିମ ରାଷ୍ଟ୍ରପତିଙ୍କୁ ଏକ ଦାବୀପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଦାନ କରିଛନ୍ତି ।

କିଷାନ ସଂଘ କଟକ ଜିଲ୍ଲାର ସଭାପତି ରବୀନ୍ଦ୍ର ନାଥ ସାହୁ, ରାଜ୍ୟ ପ୍ରଚାର ପ୍ରସାର ସଂଯୋଜକ ଅଶିମ ଦାସ, କଟକ ଜିଲ୍ଲା ସମ୍ପାଦକ କୃଷକ ନେତା ଦେବୀ ପ୍ରସାଦ ପତି, ବାରଙ୍ଗ ବ୍ଲକ ସଂଯୋଜକ ଅରୁଣ ସାହୁ, କୋଷାଧ୍ୟକ୍ଷ ରଞ୍ଜନ ସେନାପତି ଆଠଗଡ଼, ଲାକ୍ଷ୍ମୀଧର ରାଉତରାୟ ଉପସଭାପତି କଣ୍ଟାପଡା, ଜୟ ଜଗନ୍ନାଥ ସହ ସମ୍ପାଦକ ନିଶ୍ଚିନ୍ତକୋଇଲି, କଟକ ସଦର ବ୍ଲକ ସଂପାଦକ ନିରଞ୍ଜନ ରାଉଳ, ବିଜୟ ସ୍ୱାଇଁ ଉପସଭାପତି ଅନ୍ୟମାନଙ୍କ ମଧ୍ୟରେ ବିରାଜ ଭୂଷଣ ପତି, ସୁରେଶ ପ୍ରଧାନ, ସନ୍ତୋଷ ଭୋଇ ଉପସଭାପତି, ପ୍ରକାଶ ହାତୀ, ସୌମ୍ୟରଂଜନ ବେଉରା, ସାହିଲ ପ୍ରଧାନ ଏବଂ ବହୁ କାର୍ଯ୍ୟକାର୍ତ୍ତା ଯୋଗଦାନ କରିଥିଲେ ।

# ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର, (ନିପ୍ର) : କରୋନା ମହାମାରୀ ପୁଣି ହୁହୁ ହୋଇ ବଢିବାରେ ଲାଗିଲାଣି ।

ତେବେ କରୋନା ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଓଡିଶା ସିଭିଲ ସର୍ଭିସ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି ପରୀକ୍ଷାର୍ଥୀ । ଆସନ୍ତା ୨୦ରୁ ପରୀକ୍ଷା ଆରମ୍ଭ ହୋଇ ଫେବୃୟାରୀ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଚଳିତ ବର୍ଷ ୪,୭୫୪ଜଣ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବେ । ରାଜ୍ୟର ୫ଟି ସହରରେ ପରୀକ୍ଷା ଅନୁଷ୍ଠିତ ହେବ ।

# ଲଳିତ ଥିଲେ ସର୍ବହରାର ଆଶା ଓ ବିଶ୍ୱାସର ପ୍ରତୀକ

## ଲଳିତ ନାୟକ ସ୍ମୃତି ସପ୍ତାହ ଉଦ୍‌ଘାଟିତ : ମେଗା ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ବଲାଙ୍ଗିର, (ନିପ୍ର) : ବିଶିଷ୍ଟ ସମାଜସେବୀ, ଟ୍ରେଡ ୟୁନିୟନ ନେତା, ସୁସଙ୍ଗଠକ ତଥା ସର୍ବହରାର ସାଥୀ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବୁଧବାର ଠାରୁ ଲଳିତ ନାୟକ ସ୍ମୃତି ସପ୍ତାହ ପାଳନ ଆରମ୍ଭ ହୋଇଛି । ଲଳିତ ନାୟକ ସ୍ମୃତି କମିଟି ଏବଂ ଲଳିତ ନାୟକ ଫାଉଣ୍ଡେସନ୍ ପକ୍ଷରୁ ଆଜି ପ୍ରଥମ ଦିନ ସ୍ଥାନୀୟ ସାମ୍ବାଦିକ ଭବନଠାରେ ମେଗା ରକ୍ତଦାନ ଶିବିର ଏବଂ ସ୍ମୃତିସଭାର ଆୟୋଜନ କରାଯାଇଥିଲା । ରାଜ୍ୟସଭା ସଦସ୍ୟ ସୁବାସ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବା ସହ ସ୍ମୃତି ସଭାରେ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ ଯେ, ଶ୍ରମିକମାନଙ୍କ ଯାବତୀୟ ସମସ୍ୟା ବୁଝିବା ଓ ଏହାର ସମାଧାନ ପନ୍ଥା ବାହାର କରିବା ଦିଗରେ ଲଳିତ ନାୟକ ପ୍ରେରଣାର ଉତ୍ସ ଥିଲେ । ଲଳିତ ବାବୁଙ୍କ ନିଷ୍ଠା ଗଭୀର ଭାବେ ତାଙ୍କୁ ପ୍ରଭାବିତ କରିଥିଲା । ଲଳିତ ବାବୁ ଯେବେ ଭୁବନେଶ୍ୱର ଯାଉଥିଲେ ସେଠାରେ ତାଙ୍କୁ ଭେଟୁଥିଲେ । ସାଙ୍ଗରେ ନେଇଥିବା ଶ୍ରମିକ, କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଅବଗତ କରୁଥିଲେ । ସଚିବାଳୟରୁ ଯାବତୀୟ ସ୍ତରରେ ସେ ଯାଇ ପହଞ୍ଚି ଯାଉଥିଲେ । ଶ୍ରମିକ କର୍ମଚାରୀ, ରିକ୍ସାବାଲା, ଅଟୋଚଳକ, ଟ୍ୟାକ୍ସି ଡ୍ରାଇଭର, ପାଣି ପାଇପ କର୍ମଚାରୀ, ସଫେଇ କର୍ମଚାରୀ, ଆଶା, ଅଙ୍ଗନୱାଡି କର୍ମଚାରୀ, ଚୁକ୍ତିଭିତ୍ତିକ ଶିକ୍ଷକ, ଅଧ୍ୟାପକ, ବିଜୁଳି କର୍ମଚାରୀ, ଠିକା କର୍ମଚାରୀ, ଦାଦନ ଶ୍ରମିକ, ନିର୍ମାଣ ଶ୍ରମିକ, ଚତୁର୍ଥଶ୍ରେଣୀ କର୍ମଚାରୀ ସମସ୍ତଙ୍କ ପାଇଁ ଥିଲେ ଆଶା ଓ ବିଶ୍ୱାସର ପ୍ରତୀକ । ପଶ୍ଚିମ ଓଡିଶାର ସେ ଜଣେ ଏମିତି ନେତା ଥିଲେ ଯାହାଙ୍କ ଉପରେ ସାଧାରଣ ଗରିବ ଖଟିଖିଆଙ୍କ ଆସ୍ଥା ବିଶ୍ୱାସ ରହିଥିଲା । ସମାଜସେବା କ୍ଷେତ୍ରରେ ଲଳିତ ବାବୁ ଶତ ପ୍ରତିଶତ ସମାଜସେବୀ ଥିଲେ । ଅଚିହ୍ନା ମୃତଦେହକୁ ସତ୍କାର କରିବା, ଅଚିହ୍ନା ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବା, ଗରିବ ଲୋକଙ୍କୁ ସହାୟତା ଦେବା ଲଳିତ ନାୟକଙ୍କ ସ୍ୱତନ୍ତ୍ରତା ଥିଲା ବୋଲି ସେ କହିଛନ୍ତି । ଲଳିତ ନାୟକଙ୍କ ସ୍ମୃତି ରକ୍ଷା ହେବା ନିହାତି ଜରୁରୀ । ସ୍ମୃତି କମିଟି ଏବଂ ଫାଉଣ୍ଡେସନ୍ ଜରିଆରେ ସରକାରଙ୍କୁ ଆମେ ଜମି ମାଗିବା ଏବଂ ଏଠାରେ ଲଳିତ ନାୟକ ସେବାକେନ୍ଦ୍ର ପ୍ରତିଷ୍ଠା କରାଯାଉ ବୋଲି ସେ ପ୍ରସ୍ତାବ ଦେଇଥିଲେ । ଏହି ସେବାକେନ୍ଦ୍ରରେ ବଲାଙ୍ଗିର ଜିଲାର ପ୍ରାୟ ୩୦ ଲକ୍ଷ ଶ୍ରମଜୀବୀ ଉପକୃତ ହେବା ସହ ସମଗ୍ର ପଶ୍ଚିମ ଓଡିଶାର ଏବଂ ସାରା ଓଡିଶାର ଲୋକେ ଏଥିରୁ ଲାଭବାନ ହେବେ ବୋଲି ସେ କହିଥିଲେ । ସ୍ମୃତି କମିଟି ସଭାପତି ପ୍ରଭାସ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ କମିଟି ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ସମ୍ପାଦକ ପ୍ରଭାକର ମିଶ୍ର, ଅର୍ଥ କମିଟି ସମ୍ପାଦକ ରତନ ମହାରଣା, ଲଳିତ ନାୟକ ଫାଉଣ୍ଡେସନ୍ ଅଧ୍ୟକ୍ଷ ଦୀପକ ରଞ୍ଜନ ନାୟକ ମଞ୍ଚାସୀନ ଥିଲେ । ଲଳିତ ନାୟକଙ୍କ ସେବାଭାବକୁ ବଜାୟ ରଖିବା ଦିଗରେ କମିଟି ଓ ଫାଉଣ୍ଡେସନ୍ କାମ କରିବ ବୋଲି ସଭାପତି ପାଣିଗ୍ରାହୀ କହିଥିଲେ । ସଭାକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ । ଶେଷରେ ସମ୍ପାଦକ ପ୍ରଭାକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିକୂଳ ପାଗ ସତ୍ୱେ ରକ୍ତଦାନ ଶିବିରରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସ୍ମୃତି ସପ୍ତାହ ୧୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଶ୍ରୀ ସିଂଙ୍କ ସହଧର୍ମିଣୀ ଡା ନିବେଦିତା ଦାସ, ପୂର୍ବ ନଗରପାଳ ସନ୍ତୋଷିନୀ ବେହେରା, ସରିତା ବେହେରା, ଚାଇନା ମହାନ୍ତି, କୁନୁ ପଣ୍ଡା, ଉଦିତ୍ ଚନ୍ଦ୍ର ପଣ୍ଡା, ମନୋରଞ୍ଜନ ଯୋଷୀ, ପାର୍ଥ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଶ୍ୱଜିତ୍ ଦାଶ, ଆନଂଦ ଚଂଦ୍ର ସାହୁ, ଘନ ପଶାୟତ, ସୋମନାଥ ମିଶ୍ର, ବିକେକାନନ୍ଦ ପଟେଲ, କିଶୋର ମିଶ୍ର, ଭବାନୀ ଶଙ୍କର ଶତପଥି, ଅଙ୍କୁଶ ପାଣ୍ଡିଆ, ଧର୍ମେନ୍ଦ୍ର ନନ୍ଦ, ଗୋପାଳଜୀ ପାଣିଗ୍ରାହୀ, ସୁଧୀର ପଣ୍ଡା, ଲୋଟସ ଷଡଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସଭାପରେ ଭୀମଭୋଇ ମେଡିକାଲ ହସ୍ପିଟାଲରେ ରୋଗୀଙ୍କ ଫଳବଣ୍ଟନ ଓ ଆଶ୍ରାର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ସିଂ କମ୍ବଳ ବଣ୍ଟନ କରିଥିଲେ । ହସ୍ପିଟାଲରେ ଅଧିକ୍ଷକ ଡା ମହେନ୍ଦ୍ର କୁମାର ନାୟକ ଉପସ୍ଥିତ ଥିଲେ ।

# ଦିଲ୍ଲୀ ବିସ୍ଫୋରଣ ଷଡଯନ୍ତ୍ର ବିଫଳ, ବୋମା ସ୍କ୍ୱାର୍ଡକୁ ମିଳିଲା ଆଇଇଡ଼ି



ନୂଆଦିଲ୍ଲୀ : ଆଜି ଦେଶର ରାଜଧାନୀରେ ଏକ ବିସ୍ଫୋରଣ ଷଡଯନ୍ତ୍ରକୁ ବିଫଳ କରିଛି ପୋଲିସ । ପ୍ରାପ୍ତ ସୂଚନା ଅନୁଯାୟୀ, ଏକ ଆଇଇଡି ଉଦ୍ଧାର କରାଯାଇଛ ।

ଏହାକୁ ବମ୍ ସ୍କ୍ୱାର୍ଡ ଦଳ ପକ୍ଷରୁ ଡିଫ୍ୟୁଜ୍ କରାଯାଇଛି । ଏକ ବଡ ବିପଦକୁ ଏଡାଇ ଦିଆଯାଇଛି ଥିବା ଚର୍ଚ୍ଚା ଜୋର୍ ଧରିଛି । ପୋଲିସ ଏହି ଘଟଣାର ତନାଘନା ଅନୁସନ୍ଧାନ ଜାରି ରଖିଛି । ଏହି ଖବର ଆସିବା ପରେ ଆଖପାଖର ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି । ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି ଯେ, ଏକ ଆଇଇଡି ଉଦ୍ଧାର କରାଯାଇଛି ।

ଆଜି ଏକ ଅନାବଶ୍ୟକ ବ୍ୟାଗ ପାଇବା ପରେ ଦିଲ୍ଲୀ ପୋଲିସ ପୂର୍ବ ଦିଲ୍ଲୀର ଗାଜିପୁର ଫୁଲ ମଣ୍ଡିକୁ ବମ୍ ଡିସପୋଜାଲ ସ୍କ୍ୱାର୍ଡ ପଠାଇଥିଲା । ସେଠାରେ ବୋମା ସ୍କ୍ୱାର୍ଡ ବ୍ୟାଗ୍‌ରେ ଆଇଇଡି ରହିଥିବା ସୂଚନା ଦେଇଥିଲା ।

କୋଶଲୀ କଥାନୀ

# ଆଁଖଲ୍‌ର ଅପମୁର୍‌ତୁ

**ଡ. ଗୋବର୍ଦ୍ଧନ ସାହୁ**



- କହୁନ୍ ସାର୍, ଶୁନି ପାରୁଛେଁ ।

- ହଁ, ହଁ ସୁଦାମ ବାବୁ, ମୋର କଥାକେ ଧିଆନ ଦେଇକରି ଶୁନୁନ । ଏକାଉଂଟେନ୍‌ଟ ବାବୁକେ ବୁଝେଇ ଦଉନ । କଲା ଟଁକା କେଁତାକରି ଧଲା ହେବା, ସେ ତା'ର ଆଏ ଉପେ କର୍‌ବେ । ହଁ ଆରୁ ଗୁଟେ କଥା । ମିଟିଂଗ୍‌ର ସବୁ ଫାଇଲ୍ ପତର୍ ରେଡ଼ି କରିଥିବେ । ମେଲ୍‌ର ସବୁ ଉତ୍ତର ଦେଇଦେବେ । ମୁଇଁ ଅଧାଘଂଟା ଭିତ୍‌ରେ ଅଫିସ୍‌କେ ପୁହୁଚୁଛେଁ । ଗଲେ ବାକି କଥା ବାର୍‌ତା । ମେନେଜର ସାଂଗେ କଥା ହେଲା ପଛେ, ଯତୀନ ଫୋନ୍‌କେ ରଖିଦେଲେ ।

ଲାଇଫ୍ ସାଇଜ୍ ଦର୍‌ପନ ସାମ୍‌ନେ ଠିଆ ହେଲେ । ବେଲ୍‌ଟ ଆରୁ ଟାଏ କେ ଏକ୍‌ଦମ ଠିକ୍‌ସେ ସଲ୍‌ଖାଲେ । ରୁମାଲ ଆରୁ କୁର୍‌ତା ନେ ଅଁତର ଟିକେ ଝିଟ୍‌ଲେ । ଅଫିସ୍‌କେ ବାହାର୍‌ମି ବଲୁଛନ । ଝିଲି ଆସିକରି ଗୁଡ଼େ ଗୁର୍‌ରେଇ ହେଲା । ମୁଇଁ ଗଲେ ସାଂଗେ ଯିମି ଗୋ' ବାପା ବଲି ଥର୍‌କେ ଥର୍ କହେଲା । ଯତୀନ ବିର୍‌ଝି କରି ଡାକ୍‌ଲେ, ରୋଜି ତମେ କା'ଣା କରୁଛ ବଲୁଛେଁ ଅଫିସ୍ ଗଲାବେଲେ ଛୁଆକେ ଆକଟ୍ କର୍‌ବ ବଲି ସବୁଥର କହେସିଁ । ଆସିକରି ଗୁଂଦଲେଇ ହଉଛେ । ନିଅ, ସଁକଲ ଇତାକେ । ଆରୁ ଦୁସ୍‌ରା ପେଁଟ୍ ଖଁଡ଼େ ଆଲମିରାନୁ ବାହାର କରିଦିଅ । ଇ' ପେଁଟ୍‌ର ଇସ୍‌ତିରି ଭାଂଗିଗଲା । ଜଲ୍‌ଦି କର, କାର୍‌ଖାନା ନେ ସଭେ ଟାକି ଥିବେ ।

ରୋଜି ଦୁସ୍‌ରା ପେଁଟ୍ ଖଁଡ଼େ ଧରେଇ ଦେଲେ ଆରୁ ଯ' ପାଲ୍‌ଟିବ ବଏଲେ । ବାହାର୍‌ଲା ବେଲେ ଯତୀନକେ ସୋର କରାଲେ, ସଂଜ୍‌ବେଲେ ଜଲ୍‌ଦି ଆଏବ । ମେହେର ବାବୁକଁର ପୁଓ ନୂଆଁ ବେବସାଏ ଟେ ଆରମ୍ କରୁଛନ । ତାଁକର ଡିନର୍‌କେ ଯେଂତା ହଉ ଯିବାକେ ପଡ଼୍‌ବା । ଆଏଜ୍ ଦୁଇଥର ଫୋନ୍ କଲେନ' । ହଁ, ଠିକ ଶୋର କରାଲ' ବଏଲେ ଯତୀନ । ବିର୍‌ଝା ଭାବ୍ ଆରୁ ମନ୍ ଭିତରେ ନାଇଁ ଥାଇ । ଟିକେ ନର୍‌ମିକରି ବଏଲେ, ଦେଖ ରୋଜି । ଆଏଜ୍ ସଂଜ୍‌ବେଲେ ମୁଇଁ ଜଲ୍‌ଦି ଆସି ନାଇଁପରେ । ରାତି ଭି ଡେ଼ରି ହେଇଯିବା । ବହୁତ୍ ବିଜି ରହେମି । ରାଏପୁରୁ ଗୁଟେ ବଡ଼ ପାଟି ଆସ୍‌ବେ । ତାକର ସାଂଗେ ହୋଟେଲ ସାକେତ୍ ନେ ମିଟିଂଗ ଅଛେ । ଛ' କୁଟି ଟଁକାର ଗୁଟେ ଡିଲ୍ ଫାଇନାଲ ହେବାର ଅଛେ । ଶୁନିକରି ମୁଇଁ ଯିମିନ' ବଏଲେ ରୋଜି । ବର୍‌କେ ଆରୁ ଅଲପ୍ ଅଟ୍‌କେଇ କରି ଜନାଲେ, ଆଏଜ୍ ବାପାକଁର ଦିହିଁ ଜହ ଟିକେ ଖରାପ ଅଛେ ଗୋ । ସଂଜ୍‌ବେଲେ ଏକ୍‌ଲା ହେଇଯିବେ ଯେ' ?

ଯତୀନର ମୁହେଁ ଚିଂତିତ୍ ହେବାର କେନ୍‌ସି ଭାବ୍ ନାଇଁ ଜନା ପଡ୍‌ଲା । ଚିଡ଼୍‌ଚିଡ଼ା ଭାବ୍ ଯହ ଜନାପଡୁଥିଲା । ସେ କହେଲେ, ଡକ୍‌ଟର ବାରିକକୁଁ କହିକରି ବନେ ନର୍‌ସ ଝନେ କେ ଘର୍‌କେ ଡକେଇ ପଠାବ । ସେ ବାପାକୁଁ ନାଇଁ ଜୁଗ୍‌ବେ କେଁ । ମାତର୍‌କ, ଦେଖ ରୋଜି ତମେ ମେହେର ବାବୁକଁର ଡିନରକେ ଯିବାର ଯେଂତା ନାଇଁ ପାଶ୍‌ରିବ ।

ସାଢ଼େ ନ' ବଜେ ତକ୍ ଚେୟାରମେନ ବାବୁ ଅଫିସ୍‌କେ ପୁହୁଁଚଲେ । ସବୁ କରମ୍‌ଚାରୀମାନେ ଫାଇଲ୍ ପତର୍ ଠିକ୍ କରି ଟାକିଥାନ । କାର୍‌ଖାନାର କା'ଣା ସୁବିଧା ଅସୁବିଧା ମତେ କହ' ବଏଲେ । ସିନିଅର ମେନେଜର ଜନାଲେ, ସାର୍ ! କେତେଝନ୍ ମଜ୍‌ଦୁର ଉତ୍‌ପାଦନ କେଂଦ୍ର ନେ କେତେଟା ପଂଖା ଲଗାବାର ଲାଗି ଲିଖିତ ଦାବୀ କରିଛନ । ମୁହୁଁକେ ଆମିଲ୍ କରିକରି ଯତୀନ ବଏଲେ; ନାଇଁ, ନାଇଁ । ଇଟା ନାଇଁ ହେଇପାରେ । ସେମାନେ ଇନେ କାମ କର୍‌ବେ କି ହାବା ଖାଇକରି ବସି ରହେବେ ? ଆଏଜ୍ ପଂଖା ବଲୁଛନ୍, କାଲ୍‌କେ କୁଲର ବଲ୍‌ବେ । ପର୍‌ଦିନ୍‌କେ ଏସି । ଯଦି ବେଶି ଜୋରସେ ଦାବୀ କର୍‌ବେ ବଏଲେ, ସେମାନକୁଁ ଛଟେଇ କରିଦିଅ ।

ଡେପୁଟି ମେନେଜର ଜନାଲେ, ସାର୍ ! ଖଲାସି ଦୁଇଝନ ହପ୍‌ତେ ହେଲା କାରଖାନାକେ ନୁହେଁ ଆସନ । ସେମାନେ ତାକର ଦରମା ବହୁତ କମ୍ ଆଏ ବଲି ଅଭିଯୋଗ କରିଛନ । ଟଁଟିକେ ଟିକେ ସାଫ୍ କରିକରି ଯତୀନ ନିର୍‌ଦେଶ ଦେଲେ, ଯେତ୍‌କି ଦରମା ପାଉଛନ, ହେତ୍‌କି ଥି ନାଇଁ ରହେବେ ବଏଲେ, ତାକୁ ବହିଷ୍‌କାର ନୋଟିସ ଜାରି କରିଦିଅ ।

ଠିକ୍ ଇ' ସମିଆନେ ଯତୀନର ଫୋନ ଘଂଟି ବାଜ୍‌ଲା । ଘରୁ ମୁଇଁ ହରି କହୁଛେଁ ସାର୍ । - ହଁ ହଁ କହ ହରି । ବାପାକଁର ଦିହିଁ ଆରୁ ଟିକେ ବିଗ୍‌ଡ଼ି ଯାଇଛେ ସାର୍ । ଯତୀନ ବିର୍‌ଝିକରି କହେଲେ, ତତେ କେତେଥର କହେଲେ ଜାନ୍‌ବୁ ହରି ? ଘରେ ଦଶ୍ ବରଷ କାମ୍ କଲୁନ, ଜାନି ନାଇଁ ପାରୁଛୁ ଛୋଟ୍ ଛୋଟ୍ କଥାଥି ମତେ ଡିଷ୍‌ଟର୍‌ବ୍ କରୁଛୁ ଯେ' । ଠିକ୍ ଅଛେ, ଡକ୍‌ଟର ବାରିକ୍ କେ ଫୋନ କର୍ ।

ଦୁଇପହର ଯାଇକରି ବେଲ୍‌ହଉ ହେଇଥିଲାନ' । ଯତୀନ ସବୁ ମିଟିଂଗ୍ ଫାଇଲ୍ କେ ଗୁଟ୍‌ଗୁଟ୍ କରି ଚେକ୍ କଲେ । କେତେଟା ଚିଠି ଥି ଦସ୍‌ଖତ ଦେଲେ । କଫି କପେ ହାତେ ଧରିଥାନ । କାର୍‌ଖାନାର ଟେଲିଫୋନ ଅପରେଟର୍ ସୂଚନା ଦେଲେ, ଆପଣକଁର ଘରୁ ଫୋନ ଆସିଛେ ସାର୍, ଲାଇନ୍ ଥି ରହୁନ । ଘରୁ ଡକ୍‌ଟର ବାରିକ କହୁଥିଲେ, ଆପଣ ଜଲ୍‌ଦି ଘର୍‌କେ ଆସୁନ ସାର୍ ।

- ଆପଣକଁର ବାପା ବହୁତ୍ ଦରଦ୍ ପାଉଛନ । ତାକର ଅବସ୍ଥା ଅତି ଖରାପ୍ ଆଏ । ଯତୀନ ଜୋର୍ ଦେଇକରି କହେଲେ, ଡକ୍‌ଟର ବାବୁ ! ଯାହା କର୍‌ବାର ଦରକାର, ଆପଣ ହିଁ କରୁନ । ମୋର ବଡ଼େ ମିଟିଂଗ୍ ଗୁଟେକେ ଯିବାରଟା ଆଗରୁ ଠିକ୍ ହେଇଯାଇଛେ । ଇହାଦେ ମୁଇଁ ଘର୍‌କେ ଯିବାର୍‌ଟା ମୁସ୍‌କିଲ୍ ଆଏ । ଆପଣ ବାପାକୁଁ ଦରଦ୍ ନାଇଁ ହେବାର ଲାଗି ଯାହା ସୁଜା ଦରକାର, ଦେଇଦଉନ ।

ବେଲ୍ ବୁଡ଼ିବସ୍‌ଲା । ଛ'ବଜେ ଦିନ୍‌ବେଲର ସିଫ୍‌ଟ୍ ଖତମ୍ ହେସି । କାରଖାନାର ବଡ଼ଭାଗୀ କରମ୍‌ଚାରୀ ଘର୍‌କେ ଫିରିଗଲେ । ଆଠ୍ ଦଶ୍ ଝନ ସିନିଅର ଅଫିସରକୁଁ ଛାଡ଼ିକରି । ତାଁକର ସାଂଗେ ଯତୀନ ମିଟିଂଗ୍ କେ ଯିବାର ଶେଷ ପ୍ରସ୍ତୁତି କରୁଥାନ । ଫେର୍ ଘାଏ ଡକ୍‌ଟର ଫୋନ୍ କଲେ । କହେଲେ, ସରି ସାର୍ ! ବାପାକୁଁ ଦରଦ୍ କମ୍ ହେବାର ସୁଜା ଦେଲେ ଭି କେନ୍‌ସି କାମ୍ ନାଇଁ ଦେବାର । ସେ ଆପଣକଁର ନାଁ କେ ଖାଲି ଘୁଷା ଲଗେଇଛନ । ଥରେ ହେଲେ ଆପଣ ଆଏତେ ବଏଲେ, ଉଷୋ କିଛି ହେଲେ କାମ୍ ଦେତା ।

ଡକ୍‌ଟର ବାରିକ ଉପ୍‌ରେ ଯତୀନ ଖୋବ୍‌ଟେ ବିର୍‌ଝିଲେ । ବଏଲେ, ଆପଣ ମୋର ପରିସ୍ଥିତିକେ କେଂତା ନାଇଁ ବୁଝବାର ଡକ୍‌ଟର ଇହାଦେ ଯେନ ମିଟିଂଗ୍ କେ ମୁଇଁ ଯିମି, ସେନେ ଛ' କୁଟି ଟଁକାର ଡିଲ୍ ଫାଇନାଲ ହେବା । ବୁଝଲେ ତ ? ଫେର୍ କହେଲେ, ଡାକ୍‌ତର ଆପଣଆନ୍ କି ମୁଇଁ ଆଏଁ ? ହରେକ୍ ମାସେ ଆପଣକୁଁ କାଏଁଯେ ମୁଟା ପାଉଣା ଦିଆହଉଛେ ? ବାପାକଁର ଲାଗି ଯାହା ଦରକାର, ସେଟା ଆପଣ ଏକା କରୁନ । ଇ' ବୁଢ଼ାବୁଢ଼ୀ ମାନେ ଯେତେ ରଡ଼୍‌ଲେ, ସେତେ ସେବା ପାଏବେ ବଲି ଭାବ୍‌ସନ । ଫୋନ କେ ସାଏଁକିନା କାଟିଦେଇକରି ସୁଇଚ୍ ଅଫ୍ କରିଦେଲେ ଯତୀନ ।

ମିଟିଂଗ୍ ସାରିକରି ରାତି ଏଗାର ବଜେ ଯତୀନ ଘର୍‌କେ ଫିର୍‌ଲେ । ଘର ସାମ୍‌ନେ ବହୁତ ଗାଡ଼ିମଟର ଜମା ହେଇଥାଏ । ଭିତର୍‌କେ ପଶ୍‌ଲେ । ଦେଖ୍‌ଲେ ଯେ' ବାପାକଁର ଦିହିଁ ଉପରେ, କେତେ ଖଁଡ଼ ନୂଆଁ କପଡ଼ା ଢ଼ପା ହେଇଛେ । ନାକେ ରୁଆ ଚୁଟା ହେଇଛେ ।

**- ସ୍ୱାଧୀନପଡ଼ା, ଟିଟିଲାଗଡ଼**

# ବଁକ୍ କହୁଛେ ଶୁନ୍

କିଏ ବୁଝୁଛେ କା'ର ଦୁଖା
ଦୁଖ୍ ପଛ୍‌ରା ଉଡ଼ିଛେ ଧର୍‌ତନୀ
କୁଆ କୁହୁରା ହର୍‌ଘଡ଼ି ।

ରତ୍‌ରତିଆ ବେଲ୍ ତ' ଜୀବନ ।

ଟୁଁଡ଼୍ ଅଠା ଅଠା... ଧର୍‌ସା କାଇଁ
ଡେନା ଅଥାବିଥା... ଲଗନ୍ ନାଇଁ
ଧୁନ୍‌କାଁଡ଼େ ସମିଆଁ ଯାଇଛେ ଅଲ୍‌ଝି
ଶବରର୍ ଆଁଖି ଜିରି ଗଲା ପେରେମ୍, ରତି
ବୋଏଡ଼୍ ଆଏଲା ତମ୍‌ସା ନଏଦ୍ ଥି ।

ବାଲ୍‌ମୀକି କେ କିଏ ନେଲା ଉହୁଲେଇ
କିଏ ଟାକିଛେ କାହାକେ
ନାଇଁ ତ' ଫିରୁଛେ ଧର୍‌ସା ଧର୍‌ସା ଥି ।

ଅଛେ ତ' ଗହକି ସମୁନ୍ଦର୍ ଏନ୍‌ତା
ଫୁଟୁଛେ ତ' ଫୁଲ୍ ବାଗିର୍
ସୋର୍ ଅଛେ ତ' ଧୁକା ବୁପ୍‌ରାର୍
... ଅଛ' କାଏଁ ହୋ' ଉଁକିଆ ଘରେ !

ମୁହେଁ ସକାଲ କେ ପିନ୍ଧିଛ
ଅଂଧାରର୍ କଜଲ୍ ମାଖିଛ
ସବ୍‌କେ ସବ୍ ଭିତ୍‌ରେ ଭିତ୍‌ରେ
ଡାଲେ ଡାଲେ ଦୁଲି ଝୁଲୁଛ
ଇଠାନେ ଯେ ଯୋଗୀର ଗାଗର୍
ଚର୍‌ଚରା ।

ଆଁକ୍‌ରି ଲାଏଠ୍ ତ' କାମ୍‌ନା
ଲୁସ୍‌ଲୁସିଆ କଅଁଲି ମାୟା ଥିପ୍‌ସି
ମରନ୍ ସତିଆ ଅମ୍‌ରି ଡାଲେ
ଫୁଲ୍ ଫୁଟି ଲହରୁଥିସି ।

କେନ୍ ଗୁଟେ ଆଦିମ୍ ଲବଟ୍
ପାଁକ୍‌ଲି ପାଁକ୍‌ଲି ମେଘୁ ଆକାଶ୍ ପତେ
ଚହଟିସି ବଏସର୍ ଝାର୍ ମଲିଫୁଲ୍ ।
ଝକେରର୍ ଝର୍‌ଝରି ଶବଦ୍
ଧୁକାର୍ ମୁଲୁର୍ ମୁଲୁର୍ ହଁସି
ବିଜ୍‌ଲିର୍ ଝଲ୍‌ମଲ୍ ମନ୍
କୁହୁ କୁହୁ ଅନ୍ଧାରର୍ ଖିଲ୍‌ଖିଲା ମୁହୁଁ....
ଜୀବନ କଅଁଲୁଥିସି
ଝଲ୍‌ଝଲା ବଁକ୍ ଜୁଲି ଠାନେ ।

ହେତ୍‌କି ବେଲ୍‌କେ ପାଁକ୍‌ଲି ଯାଏସି
ଅକ୍‌ଲିଆ ପତରର୍ ସଁସାର୍ ।
ହେତ୍‌କି ବେଲ୍‌କେ ଲେଖିହେସି
ପୁର୍‌ଥୀ ଯାକର୍ ଆକାର୍ ।


ଫୁଲ୍ ତ' ଫୁଲ୍
ଆଏଁଖିକେ ଘିଚି ନେସି
ମହକ୍ ତ' ମହକ୍
ମନ୍‌କେ ଉଁକିଆ ଦେସି ।
ଗାଗର୍ ତ' ଗାଗର୍
ଇ' ମାଟି ମେଶି ଯାଏସି
କୁଆ ତ' କୁଆ
ଇନେ ଅଁଠିପହର୍ ଥିସି ।

ହେ ତ' ଡାଲେ ବଏସି ଲୁକ୍‌ନିଆଁ
ଡାଲୁଁ ଡାଲ୍‌କେ ଡେଗ୍‌ବାର୍‌ଟା ବଏସରା
ଫେର୍ ନିଥିରୁଥିସି ରକ୍‌ତେ ରକ୍‌ତେ
ଇ'ଟା ତ' ଜନମ୍ ଆର୍ ମରନ୍
ବଁକ୍ କହୁଛେ ଶୁନ' ।।

# ଉରମିଲା

କିଏ ଛେକ୍‌ବ ଛେକ'
ମଗ୍‌ଶିର୍ କଁଷି ଶୀତ୍‌କେ
ନାଇଁ ଦେବା ମତେ ସୁଆଁଲି ।
କିଏ ମନା କର୍‌ବ କର'
ଗୁର୍‌ବାରର୍ ମଡ଼ା ଫୁଲ୍
ନାଇଁ ଫୁଟ୍‌ବା ବଲି ।

ଖଟ୍ ଛାଡ଼୍‌ଲା ବେଲ୍‌କେ
ଛେଲ୍‌ଢ଼ିଲା ବେଲ୍
ଠୁଲେଇ ଥିସି ଦାସୀ
ଚଁପାଫୁଲ ମଲିମାଲ୍ ତାର୍ ଧୁକାଥି....
ଲହଁକି ଆଏସି ପିଛ୍‌ଲା ଦିନର୍



**ଚତୁର୍ଭୁଜ ସାଆନ୍ତ**

ମଧୁର୍ ଖବର୍ ଉସାସ୍ ଲାଗ୍‌ସି
ଦେଶାନ୍ତର ... ଦେଶାନ୍ତର !

ଚୁଲ୍‌ହିର୍ ଗୁରସ୍ ପରା
ଉପ୍‌ଲି ଉପ୍‌ଲି
ଛାତିନୁ ଝନେ ଯଉଛେ ଉଛ୍‌ଲି
ହଦ୍‌ରିଆ ଆଏଁଖ ହଉଛେ ମୁଜି
ପାହା ମୋର୍ ଯଉଛେ ଗୁନ୍ଦ୍‌ଲି ଗୁନ୍ଦ୍‌ଲି ।

ରୁଇଥିଲିଁ ଗଛ ବଛର୍ ବଛର୍ ଚଉଦ ବଛର୍
ଫଲ୍ କଥା ଛାଡ଼' ସୁତି ବି ଗୁଟେ ନାଇଁ
ବଛର୍ ବଛର୍ ଚଉଦ ବଛର୍
ଚେରେ ଗୁଟେ ଗୁଡ଼ା କଲାନାଇଁ ।

ମାଛି ଅଂଧିରିଆକେ
ଉପର୍ ମହଲା ନୁ ଖଙ୍ଗରାଲେ
କିଏ ଝନେ ଛାଏଁ ଛାଏଁ ଦିଶେ
ହେତ୍‌କି ବେଲେ ଆକାଶ ମଲିଫୁଲ୍
ମୁଲୁର୍ ମୁଲୁର୍ ହଁସେ
ମାଲ୍ ମାଲ୍ ପାଚ୍‌ଲା ଧାନ୍‌କେ ଛିଇଁ
କା'ର୍ ଅତର୍ ବାସ୍‌ନା ମହକେ !

ଲାଗ୍‌ସି ମତେ ଖିଜାଲା ବାଗିର୍ କିଏ ଝନେ
ଛନେକେ ଘଡ଼େକେ କୁତ୍‌କୁତାଲେ
ଚାଏଁ ଚାଏଁ ଭାଏଁ ଭାଏଁ ଦିହିଁମୁଡ଼୍
ରାଏତ୍ ସର୍‌ତା ଉଜାଗରେ ବିତେ ।

ଆଘର୍ ମେତାନ୍ ଦିଶ୍‌ବାର୍ ନାଇଁ
ମୋର୍ ଚେହେରା
ଦର୍‌ପନ୍ ଦଉଛେ କହି,
ଗୁଲାପ୍ ପତ୍‌ରେ ଢୁଲୁ ଢୁଲୁ ଉସେ
ଜୁଲୁ ଜୁଲୁ ଏକ୍‌ଲା ତରାର୍ ଉଁକିଆ ଦିଶେ ।

ଲାଗ୍‌ସି ମତେ
କିଏ ଝନେ ମୋର୍ ଉଢ଼୍‌ନା ଦଉଛେ ଝିକି ।

କେଭେ କେନ୍‌ତା ଶୁନି ହେସି
ଝାର୍ ଭିତ୍‌ରୁ ଅଜନା ଡାକ୍
ହିଟି ଯାଇଥିସି ଅଁଟା ଲହଁସା ବାଲ୍
ମୋର୍ ନିଘା ନାଇଁଥାଏ
ଭୂଇଁ ନେ ପରିଛେ ପିନ୍ଧା କପ୍‌ଟା
ମୋର୍ ପତା ନାଇଁଥାଏ ।

ଡେଗି ଯାଏସି ମନ୍
କାଁକର୍ ଘାଁସ୍ ପରିଆ ଉତ୍‌କି ଉତ୍‌କି
କେତେ ଜନମ୍ ମରନ୍‌ର ଚଚ୍‌ରା
ଆଘର୍ ମେତାନ୍
ନାଇଁ ଦିଶ୍‌ବାର୍ ମୋର୍ ଚେହେରା ।

ଆଏଁଖ୍ ଖୁଲାଥିଲେ ଗଛ୍ ପତ୍‌ରା
ନଏଦ୍ ନଲିଆ ପାଏନ୍ ପର୍‌ବତ୍
କୁଟୁମର୍ ଗୁଡ଼ାଗେରା ।

ଆଏଁଖ ମୁଜିଦେଲେ ଉଁକିଆ ନାଇଁ କି
ଅନ୍ଧାର୍ ନାଇଁ
କେଭେ କେଭେ ଗୁର୍‌ସର୍ ସାଗର୍
ଛିଏଁ ନାଇଁ ଛିଏଁ ଡଙ୍ଗରର୍ ପାହା
କେତେ ବଣିହାଁ ଗାଗର୍ ବିନା
କୁର୍‌ଲୁଛେ ଆତ୍‌ମା ବଖତ୍ କେ ବଖତ୍ ।

ଜନ୍‌କେ ଦେଖ୍‌ଲେ ଲମି ଆଉଛେ
କାହାର୍ ହାତ୍, ବାଜୁଛେ ବଏଁଶୀ
ଆଁଖିର ଲହ, ମନର୍ କୋହ
ଝିଁକାରି ମାରୁଛେ ରାଏତ୍
ମୋର୍ ଗାଗରର୍ ପରା ମାନ୍‌କେ
ଢ଼ାପି ଦେଇଛେ ତାଲ୍ ତଲର୍ ଅନ୍ଧାର୍ ।

ଛାଡ଼୍‌ଛୁଡ଼୍ ମିଠା ଦରଦ୍
ମୋର୍ ଲଖଣ୍ ତ' ଦେଶାନ୍ତର
ଯା'ର୍ କାଜେ ହର୍‌ମେସା
ଉଠୁଛେ ପଡୁଛେ ଛାତି ଥରକେ ଥର୍ ।

କିଏ ମନା କର୍‌ବ କର'
ସମିଆଁର କଁସି ଶୀତ୍‌କେ
ନାଇଁ ଦେବା ମତେ ସୁଆଁଲି
କିଏ ମନା କର୍‌ବ କର'
ଗୁର୍‌ବାରର୍ ମଡ଼ା ଫୁଲ୍
ନାଇଁ ଫୁଟ୍‌ବା ବଲି ।

ନାଇଁଥାଇ ଅଛେ ଅନ୍‌କୁଟ୍ ଝାରୁ ଖମାର୍
କିଏ ଛେକ୍‌ବ ଛେକ'
ଇ' ଅଏଁଠା ମନ୍‌କେ
କିଏ ଛେକ୍‌ବ ଛେକ'
ହର୍‌ଘଡ଼ି ଅଉଥିବାର୍ ପାହାକେ ।।

## ତନ୍ତ୍ର-ମନ୍ତ୍ର ସାହାଯ୍ୟରେ ପକ୍ଷାଘାତ ରୋଗର ଚିକିତ୍ସା ପାଇଁ ଯାଇଥିବା ମହିଳା ତାନ୍ତ୍ରିକ ଦ୍ୱାରା ଦୁଷ୍କର୍ମର ଶିକାର



ଇନ୍ଦୋର : ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ପକ୍ଷାଘାତ ମହିଳା ରୋଗୀ ତାଙ୍କ ଚିକିତ୍ସା ପାଇଁ ତାନ୍ତ୍ରିକ ପାଖକୁ ଯାଇଥିବା ବେଳେ ତାନ୍ତ୍ରିକ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଭଳି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁସାରେ ତାନ୍ତ୍ରିକ ଜଣକ ବାହାନା କରି ମହିଳାଙ୍କ ସ୍ୱାମୀଙ୍କୁ ୧୦କିଲୋମିଟର ଦୂରକୁ ପଠାଇ ଦେବା ପରେ ମହିଳାଙ୍କୁ ବଳାତ୍କାର କରିଥିଲା । ସ୍ୱାମୀ ଫେରିବା ପରେ ପୀଡିତା ତାଙ୍କୁ ତାନ୍ତ୍ରିକର ଏଭଳି ଆସୁରିକ ଆଚରଣ ବିଷୟରେ କହିଥିଲେ । ଏହା ପରେ ସ୍ୱାମୀ-ସ୍ତ୍ରୀ ଦୁହେଁ ପୋଲିସ ଷ୍ଟେସନରେ ପହଂଚି ତାନ୍ତ୍ରିକ ବିରୋଧରେ ବଳାତ୍କାର ମାମଲା ରୁଜୁ କରିଥିଲେ । ମାମଲା ପଞ୍ଜିକରଣ ପରେ ଅଭିଯୁକ୍ତ ତାନ୍ତ୍ରିକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଏବେ ଖୋଜୁଛି ପୋଲିସ । ଏପର୍ଯ୍ୟନ୍ତ ଅଭିଯୁକ୍ତର କୌଣସି ପତ୍ତା ମିଳି ନଥିବା ସୂଚନାରୁ ଜଣାପଡ଼ିଛି । ଆଜାଦ ନଗର ଥାନା ଅଧିକାରୀ ଇନ୍ଦ୍ରେଶ ତ୍ରିପାଠୀ କହିଛନ୍ତି ଯେ, ଇନ୍ଦୋର ଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ଅବସ୍ଥିତ ଏକ ଗାଁରେ ରହୁଥିବା ଜଣେ ମହିଳା ଗତ ଦୁଇବର୍ଷ ଧରି ପକ୍ଷାଘାତ ରୋଗରେ ପୀଡିତ ଥିଲେ । ସେ ଦୀର୍ଘ ସମୟ ଧରି ଚିକିତ୍ସିତ ହେଉଥିଲେ, କିନ୍ତୁ ବିଶେଷ କିଛି ସୁଫଳ ମିଳୁ ନଥିଲା । ଜଣେ ଗ୍ରାମବାସୀ ତାଙ୍କୁ କହିଥିଲେ ଯେ, ତାଙ୍କ ଉପରେ କିଛି ତାନ୍ତ୍ରିକ ପ୍ରଭାବ ରହିଥିବାରୁ ତାଙ୍କ ଉପରେ କୌଣସି ଔଷଧ କାମ କରୁନାହିଁ । ରୀତିନୀତି ଅନୁଯାୟୀ ସେ କୌଣସି ତାନ୍ତ୍ରିକଙ୍କ ପାଖକୁ ଯିବାକୁ କହିଥିଲେ । ଏହାଦ୍ୱାରା ସେ ଶୀଘ୍ର ଆରୋଗ୍ୟ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ । ଏହା ପରେ ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲାଙ୍କ ସହ ଇନ୍ଦୋରର ଆଜାଦ ନଗର ପୋଲିସ ଷ୍ଟେସନ ଅଂଚଳରେ ରହୁଥିବା ଆସିଫ ବାବାଙ୍କ ଘରେ ପହଂଚିଥିଲେ । ସଂପୃକ୍ତ ମହିଳାଙ୍କ ଉପରେ ତାନ୍ତ୍ରିକ ପ୍ରଭାବ ରହିଥିବା କହି ଆସିଫ ବାବା ମହିଳାଙ୍କ ଚିକିତ୍ସା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ତାନ୍ତ୍ରିକ ରୀତିନୀତି ପୂଜାପାଠ ପରେ, ଆସିଫ ବାବା ଏକ ବୁଜୁଲା ତିଆରି କରି ପୀଡିତାଙ୍କ ସ୍ୱାମୀଙ୍କୁ ଦେଲା ଏବଂ ପ୍ରାୟ ଦଶ କିଲୋମିଟର ଦୂରରେ ଏହାକୁ ଫିଙ୍ଗିବା ପରେ ଫେରିବାକୁ କହିଥିଲା । ମହିଳାଙ୍କ ସ୍ୱାମୀ ବାବାଙ୍କ କହିବା ଅନୁଯାୟୀ ସେହି ବୁଜୁଲାକୁ ବନ୍ଧା ଯାଇଥିବା ଜିନିଷ ଫିଙ୍ଗିବା ପାଇଁ ଚନ୍ଦନ ନାଗରର ଏକ ସ୍ଥାନକୁ ଯାଇଥିଲେ । ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଛଳନାକାରୀ ତାନ୍ତ୍ରିକ ବାବା ମହିଳାଙ୍କୁ ବଳାତ୍କାର କରିଥିଲା । ସେହି ସମୟରେ ମହିଳାଙ୍କ ଉଭୟ ସନ୍ତାନ ଅନ୍ୟ ଏକ କୋଠରୀରେ ଶୋଇଥିଲେ । ଅଭିଯୁକ୍ତ ଜଣକ ନିଜ ସ୍ୱାମୀଙ୍କୁ ଏ ବିଷୟରେ ଜଣାଇବାକୁ ମନା କରି ଦେଇଥିଲା । ତାନ୍ତ୍ରିକ ମହିଳାଙ୍କୁ ଧମକ ଦେଇଥିଲା ଯେ, ଯଦି ସେ କାହାକୁ କୁହନ୍ତି, ତେବେ ସେ ତନ୍ତ୍ର କରି ତାଙ୍କ ପରିବାରକୁ ଧ୍ୱଂସ କରିଦେବେ ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ



ଭୁବନେଶ୍ୱର, (ନିପ୍ର) : ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଛି ।

କଳିଙ୍ଗ ଷ୍ଟାଡିୟମ ସ୍ଥିତ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । କୋଭିଡ୍ କଟକଣା ଯୋଗୁ ସ୍ୱଳ୍ପ ସଂଖ୍ୟକ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଯୋଗୀ ସରକାରଙ୍କୁ ପୁଣି ଝଟ୍‌କା : ଆଉ ଜଣେ ମନ୍ତ୍ରୀ ଇସ୍ତଫା ଦେଲେ



ଲକ୍ଷ୍ନୌ : ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତୀୟ ଜନତା ପାର୍ଟି କ୍ରମାଗତ ଭାବେ ଅସୁବିଧାର ସମ୍ମୁଖୀନ ହେଉଛି । ଯୋଗୀ କ୍ୟାବିନେଟର ଆୟୁଷ ମନ୍ତ୍ରୀ (ସ୍ୱାଧୀନ ଚାର୍ଜ) ଧରମ ସିଂ ସାଇନି ଗୁରୁବାର ଦିନ ଦଳରୁ ଇସ୍ତଫା ଦେଇଛନ୍ତି । ଉତ୍ତରପ୍ରଦେଶରେ ବିଜେପି ସରକାରର ଆୟୁଷ ମନ୍ତ୍ରୀ ଧରମ ସିଂ ସାଇନି ସରକାରଙ୍କ ଠାରୁ ଗ୍ରହଣ କରିଥିବା ଗୃହ ଏବଂ ସୁରକ୍ଷା ଦାୟିତ୍ୱ ଫେରସ୍ତ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଇସ୍ତଫା ଦେଇଥିବା ସମସ୍ତ ମନ୍ତ୍ରୀ ପ୍ରାୟ ସମାନ କାରଣ ଦର୍ଶାଇଛନ୍ତି । ଧରମ ସିଂ ସାଇନି ଇସ୍ତଫା ଦେଇ କହିଛନ୍ତି ଯେ, ମାନ୍ୟବର ଯୋଗୀ ଆଦିତ୍ୟ ନାଥଙ୍କ କ୍ୟାବିନେଟରେ ଆୟୁଷ, ଖାଦ୍ୟ ସୁରକ୍ଷା ଏବଂ ଡ୍ରଗ୍ସ ଆଡମିନିଷ୍ଟ୍ରେସନରେ ରାଜ୍ୟ ମନ୍ତ୍ରୀ ଭାବରେ ସେ ଏହି ଦାୟିତ୍ୱକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ନିର୍ବାହ କରିଛନ୍ତି । ମନ୍ତ୍ରୀ ପଦରୁ ମୁଁ ଇସ୍ତଫା ଦେଉଛି ।

## ଦେଶରେ କରୋନା ସଂକ୍ରମଣ ସ୍ଥିତି ଉପର ମୁହାଁ : ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବୈଠକ, ସମୀକ୍ଷା ହେବ



ନୂଆଦିଲ୍ଲୀ : ଦେଶରେ କରୋନା ସଂକ୍ରମଣ ସ୍ଥିତି ଉପର ମୁହାଁ ରହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ଡାକିଛନ୍ତି । ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ।

ଏହି ବୈଠକ ଅପରାହ୍ନ ୪.୩୦ରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି । ଏହାପୂର୍ବରୁ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଉପସ୍ଥିତ ରହି ଦେଶରେ କରୋନା ମହାମାରୀର ସ୍ଥିତି ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ଓମିକ୍ରନ୍ ଭାରିଆଂଟ କାରଣରୁ ବଢୁଥିବା କୋଭିଡ୍ ମାମଲାକୁ ଦୃଷ୍ଟିରେ ରଖି ପିଏମ ମୋଦୀ ପ୍ରସ୍ତୁତି ଉପରେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆମେ ୧୩୦ କୋଟି ଭାରତୀୟ ନିଶ୍ଚିତ ଭାବରେ ଆମର ପ୍ରୟାସରେ କରୋନାଠାରୁ ବିଜୟୀ ହୋଇପାରିବା : ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିନ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆୟୋଜିତ ଏକ ବୈଠକରେ କହିଛନ୍ତି ଯେ, ଶହେ ବର୍ଷର ସବୁଠାରୁ ବଡ ମହାମାରୀ ବିରୋଧରେ ଭାରତର ସଂଗ୍ରାମ ବର୍ତ୍ତମାନ ତୃତୀୟ ବର୍ଷରେ ପ୍ରବେଶ କରିଛି । କଠିନ ପରିଶ୍ରମ ହେଉଛି ଆମର ଏକମାତ୍ର ପଥ ଏବଂ ବିଜୟ ହେଉଛି ଏକମାତ୍ର ବିକଳ୍ପ ।

ଆମେ ୧୩୦ କୋଟି ଭାରତୀୟ ନିଶ୍ଚିତ ଭାବରେ ଆମର ଉଦ୍ୟମ ସହିତ କରୋନାଠାରୁ ବିଜୟୀ ହେବା । ଆଜି ରାଜ୍ୟଗୁଡିକରେ ପର୍ଯ୍ୟାପ୍ତ ପରିମାଣର ଟୀକା ଅଛି । ଫ୍ରଣ୍ଟଲାଇନ କର୍ମଚାରୀ ଏବଂ ବରିଷ୍ଠ ନାଗରିକଙ୍କୁ ଯେତେ ଶୀଘ୍ର ‘ବୁଷ୍ଟର ଡୋଜ୍’ ଦିଆଯାଇ ପାରିବ, ଆମର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର କ୍ଷମତା ସେତେ ଅଧିକ ହେବ । ୧୦୦% ଟୀକାକରଣ ପାଇଁ ଆମକୁ ପ୍ରତ୍ୟେକ ଘର ଅଭିଯାନକୁ ତୀବ୍ର କରିବାକୁ ପଡିବ । କରୋନା ପରିସ୍ଥିତି ଉପରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକ ବେଳେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଓମିକ୍ରନ୍ ପୂର୍ବ ପ୍ରକାର ତୁଳନାରେ ଦ୍ରୁତ ଗତିରେ ବିସ୍ତାର କରୁଛି । ଏହା ଅଧିକ ସଂକ୍ରମିତ । ଆମର ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ଆମକୁ ସତର୍କ ରହିବାକୁ ପଡିବ । ଆଜି ଭାରତ ପ୍ରାୟ ୯୨ ପ୍ରତିଶତ ବୟସ୍କ ଲୋକଙ୍କୁ କୋଭିଡ ଟୀକା ପ୍ରଦାନ କରିଛି । ଦ୍ୱିତୀୟ ଡୋଜର ଦେଶ ମଧ୍ୟ ୭୦ ପ୍ରତିଶତ କଭରେଜରେ ପହଞ୍ଚିଛି । ୧୦ ଦିନ ମଧ୍ୟରେ ଭାରତ ପ୍ରାୟ ୩୦ ନିୟୁତ କିଶୋରଙ୍କୁ ଟୀକା ଦେଇଛି ।

## ଇମ୍ରାନ ଖାନ କହିଲେ – ଭାରତକୁ ଦେଖ, ଅବସ୍ଥା କ’ଣ ହୋଇଛି




ଇସ୍‌ଲାମାବାଦ : କୋଭିଡ ସଙ୍କଟରୁ ଓହରିଥିବାରୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ତାଙ୍କ ସରକାରକୁ ପ୍ରଶଂସା କରିଛନ୍ତି ଏବଂ ଭାରତରେ ମହାମାରୀର ଭୟଙ୍କର ଉଦାହରଣ ଦେଇଛନ୍ତି । ରାୱଲପିଣ୍ଡି ଚାମ୍ବରସ୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ୧୪ ତମ ଆନ୍ତର୍ଜାତୀୟ ଚାମ୍ବର ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ସେ ସମ୍ବୋଧିତ କରିଥିଲେ । ଇମ୍ରାନ ଖାନ କହିଛନ୍ତି ଯେ, ପାକିସ୍ତାନ ଇତିହାସରେ କୌଣସି ସରକାର ଏତେ ପରିମାଣର ରାଜସ୍ୱ ନିଅଂଟର ସମ୍ମୁଖୀନ ହୋଇନାହାଁନ୍ତି । ଯଦି ଆମର ବନ୍ଧୁ ଚୀନ୍, ୟୁଏଇ ଏବଂ ସାଉଦି ଆରବ ଏହି ଅର୍ଥ ଦେଇ ନଥାନ୍ତେ, ତେବେ ଆମେ ଡିଫଲ୍ଟ ହୋଇଥା’ନ୍ତୁ । ଋଣ ପରିଶୋଧ କରିବାକୁ ଆମ ପାଖରେ ଟଙ୍କା ନଥିଲା । ଟଙ୍କା ହ୍ରାସରୁ ରକ୍ଷା କରିବା ସହଜ ନଥିଲା । ଏହି ସମୟରେ କୋଭିଡ ମହାମାରୀ ଧକ୍କା ଦେଇଥିଲା । ଆମେ ସେତେବେଳେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଥିଲୁ । କୋଭିଡ ସଙ୍କଟରୁ ବାହାରିବାରେ ଇମ୍ରାନ ଖାନ ତାଙ୍କ ସରକାରକୁ ପ୍ରଶଂସା କରିଥିଲେ ଏବଂ ଭାରତରେ ମହାମାରୀର ଭୟଙ୍କର ଉଦାହରଣ ଦେଇଥିଲେ । ପାକିସ୍ତାନୀ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଲ୍ଲାହା ଆମକୁ କୋଭିଡରୁ ତ୍ରାହି କରିଛନ୍ତି, ତାହା ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି । ଆମେ ମଧ୍ୟ ଆମର ଅର୍ଥନୀତିକୁ ବଂଚାଇଛୁ ଏବଂ ଆମ ଲୋକଙ୍କ ଜୀବନ ମଧ୍ୟ ବଂଚାଇଛୁ । ସାରା ଦୁନିଆରେ କୋଭିଡ କ’ଣ ହଇଚଇ ସୃଷ୍ଟି କରିଛି । ଭାରତ ଆମଠାରୁ ବହୁତ ଆଗରେ ଅଛି, କିନ୍ତୁ ସେମାନଙ୍କର ଅଭିବୃଦ୍ଧି ହାର ହ୍ରାସ ପାଇଛି ।

## ଓସିଏସ୍ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କଲେ ପରୀକ୍ଷାର୍ଥୀ

ଭୁବନେଶ୍ୱର, (ନିପ୍ର) : କରୋନା ମହାମାରୀ ପୁଣି ହୁ ହୁ ହୋଇ ବଢିବାରେ ଲାଗିଲାଣି । ତେବେ କରୋନା ସ୍ଥିତି ସ୍ୱାଭାବିକ ନ ହେବା ଯାଏ ଓଡିଶା ସିଭିଲ ସର୍ଭିସ ମେନ୍ ପରୀକ୍ଷା ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି ପରୀକ୍ଷାର୍ଥୀ । ଆସନ୍ତା ୨୦ରୁ ପରୀକ୍ଷା ଆରମ୍ଭ ହୋଇ ଫେବୃୟାରୀ ୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଚଳିତ ବର୍ଷ ୪,୭୫୪ଜଣ ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବେ । ରାଜ୍ୟର ୫ଟି ସହରରେ ପରୀକ୍ଷା ଅନୁଷ୍ଠିତ ହେବ ।

## ଗୌହାଟି-ବିକାନେର ଏକ୍ସପ୍ରେସ ଦୁର୍ଘଟଣା : କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘଟଣାସ୍ଥଳରେ ପହଂଚିଲେ, ୯ ମୃତ୍ୟୁ, ୪୦ରୁ ଅଧିକ ଆହତ, ୫ ଲକ୍ଷ କ୍ଷତିପୂରଣ ଘୋଷଣା



କୋଲକାତା : ଗୁରୁବାର ସଂଧ୍ୟାରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ଏକ ବଡ଼ ଟ୍ରେନ୍ ଦୁର୍ଘଟଣା ଘଟିଛି । ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ବିକାନେର୍ ଗୌହାଟି ଏକ୍ସପ୍ରେସ ୧୫୬୩୩ (ଅପ୍ ଲାଇନ୍)ର ଅନେକ ବଗି ଲାଇନ୍‌ଚ୍ୟୁତ ହେବା ଫଳରେ ଦୁର୍ଘଟଣା ଘଟିଛି । ଏକ ସରକାରୀ ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ୯ ଜଣ ଯାତ୍ରୀ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୪୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏଥି ସହ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଘଟଣା ସ୍ଥଳରେ ପହଂଚିଛନ୍ତି । ବିକାନେର ଗୌହାଟି ଏକ୍ସପ୍ରେସ ପାଟନା ଠାରୁ ଗୌହାଟିକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ଗୌହାଟି-ବିକାନେର ଏକ୍ସପ୍ରେସର ଦୁର୍ଘଟଣା ସ୍ଥଳ କେନ୍ଦ୍ର ସଂଖ୍ୟାଲଘୁ ମନ୍ତ୍ରୀ ଜନ ବାରଲା ପରିଦର୍ଶନ କରିଛନ୍ତି । ଜନ ବାର୍ଲା କହିଛନ୍ତି, “ଲୋକଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ୯ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୩୬ ଜଣ ଆହତ ହୋଇଛନ୍ତି ।’ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଭାରତୀୟ ରେଳବାଇ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । ଏଥିସହିତ ଗୁରୁତର ଆହତମାନଙ୍କୁ ୧ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଆଘାତ ପ୍ରାପ୍ତ ଲୋକଙ୍କୁ ୨୫,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଛି ।

## କରୋନା ପଜିଟିଭ୍ ହେଲେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ

ଚଣ୍ଡୀଗଡ : ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏନେଇ ସୂଚନା ଦେଇଛନ୍ତି ପୂର୍ବତନ କଂଗ୍ରେସ ନେତା । ସେ ଏବେ ଆଇସୋଲେସନରେ ରହିଥିବା ବେଳେ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନଙ୍କୁ କୋଭିଡ୍ ପରୀକ୍ଷା କରାଇଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂ ଅନୁରୋଧ କରିଛନ୍ତି ।

# ଗାଁ ଗାଁରେ ପଞ୍ଚାୟତ ନିର୍ବାଚନ ପାଇଁ ବଢୁଛି ତାତି, କିନ୍ତୁ ଗାଁ ରାସ୍ତା ନିର୍ମାଣ କାର୍ଯ୍ୟ ଭୁଲି ଗଲା ପ୍ରଶାସନ



ସଇଁନ୍ତଲା, (ନିପ୍ର) : ରାଜ୍ୟ ସରକାର ଗାଁ ଗାଁର ବିକାଶ କରୁଥିବା ନେଇ ବାହାବା ମାରୁଛନ୍ତି, ହେଲେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଘୁନସର ଗାଁ ସାହୁପଡ଼ା ରାସ୍ତା ସାମାନ୍ୟ ବର୍ଷାରେ ବେହାଲ ହୋଇପଡିଛି, ଏହା ଉପରେ ନିଘା ନାହିଁ ।

ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମନ୍ତ୍ରୀ ଟୁକୁନି ସାହୁଙ୍କ ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆଉ କିଛି ଦିନ ପରେ ପଞ୍ଚାୟତ ନିର୍ବାଚନ । ଏଥିପାଇଁ ରାଜନୈତିକ ଦଳ ମାନେ ଗାଁ ଗାଁ, ପଡ଼ା ପଡ଼ାରେ ଭୋଟ ହାତେଇବା ପାଇଁ ପ୍ରସାର ପ୍ରଚାର ମଧ୍ୟ ଆରମ୍ଭ ହେଲାଣି । କିନ୍ତୁ ଦୁଃଖର ବିଷୟ ଯେ, ନିର୍ବାଚନ ଆସିଲେ ଗାଁରେ ପାଦ ପଡେ ନେତା, ମନ୍ତ୍ରୀ ମାନଙ୍କର । କିନ୍ତୁ ଭୁଲି ଯାଆନ୍ତି ନେତାମାନେ ଯେ ଜନତାଙ୍କ ଭୋଟ ପାଇବା ପରେ ନେତା ହୁଅନ୍ତି ।

ଅନେକ ଭାଷଣ ମଧ୍ୟ ମାରନ୍ତି ଯେ ଆପଣଙ୍କ ଗାଁର ଅନେକ ବିକାଶ କରିବୁ । ସ୍ଥାନୀୟ ପ୍ରତିନିଧିଙ୍କୁ ଲୋକେ ୫ ବର୍ଷ ପାଇଁ ସରପଞ୍ଚ କରନ୍ତି ଗାଁର ଉନ୍ନତି ହେବ ବୋଲି, ହେଲେ ଅନେକ ସରପଞ୍ଚ ନିଜର ଉନ୍ନତି ପାଇଁ ସରପଞ୍ଚ ହୋଇଥିବା ଲୋକେ କହିଛନ୍ତି । ତେବେ ଘୁନସର ଗାଁର ସାହୁପଡ଼ା ରାସ୍ତା ନିର୍ମାଣ କେବେ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ।


# ୱେଷ୍ଟ ଜୋନ ଟାଇକୋଣ୍ଡୋ ପ୍ରତିଯୋଗିତା ପାଇଁ ବଲାଙ୍ଗିର ଦଳର ସୁବର୍ଣ୍ଣପୁର ଗସ୍ତ



ବଲାଙ୍ଗିର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ବିଏମ୍‌ପୁରଠାରେ ଆସନ୍ତା ୧୫ ଓ ୧୬ ତାରିଖରେ ପଶ୍ଚିମ ଓଡିଶା ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ବଲାଙ୍ଗିର ଜିଲ୍ଲା ଟାଇକୋଣ୍ଡୋ ସଂଘର ସଂପାଦକ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ୧୩ ଜଣିଆ ଟିମ୍ ଏଥିରେ ଭାଗ ନେବା ପାଇଁ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିଛନ୍ତି । ଏଥିରେ ଖୁସିରାମ ସେଠ, ଶ୍ରେୟାଂଶ କୁମାର ସିଂଭଞ୍ଜ, ସମିକ୍ଷା ସମୃଦ୍ଧି ଷଡଙ୍ଗି, ତ୍ରିଲୋକେଶ ଶତପଥି, ସୁଶ୍ରୀ ଦେଭାଂଶି, ଧରିତ୍ରୀ କୁମାର, କ୍ରିଷ୍ଣାର୍ଜୁନ ବନ୍‌ଛୋର, ମନୋଜ ବନଗୁଲା, ରୋହିତ ସାହୁ, ନବୀନ ମେହେର, ଧନପତି ମେହେର, ବଳରାମ ମେହେର, ଅର୍ଣ୍ଣବ ଅଗ୍ରୱାଲ, ପୁମ୍ ସେଇ ଓ କିଓରୁଗୀ ବିଭାଗରେ ଭାଗ ନେଉଥିବା ବେଳେ ନରେନ୍ଦ୍ର ବରାଡ, ପ୍ରମୋଦ ସେଠ ମ୍ୟାନେଜର ଭାବେ ଭାଗ ନେଇଛନ୍ତି ।

ଏହି ଅବସରରେ ଜିଲ୍ଲା ଟାଇକୋଣ୍ଡୋ ସଭାପତି ଶ୍ରୀକର ମିଶ୍ର ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମକର ସଂକ୍ରାନ୍ତି ଦିନ ଆୟୋଜିତ ହେବ ବିଶ୍ୱବ୍ୟାପୀ ସୂର୍ଯ୍ୟ ନମସ୍କାର




ନୂଆଦିଲ୍ଲୀ, (ପିଆଇବି) : ଆୟୁଷ ମନ୍ତ୍ରଣାଳୟ ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ବିଶ୍ୱବ୍ୟାପୀ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ ଆୟୋଜନ କରୁଛି । ଏହି ପ୍ରଦର୍ଶନ କାର୍ଯ୍ୟକ୍ରମରେ ୭୫ଲକ୍ଷ ଲୋକ ଯୋଗ ଦେବେ ।

ଏହି ଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ଉତ୍ତମ ସ୍ୱାସ୍ଥ୍ୟ, ଧନ ଓ ସୁଖମୟ ଜୀବନ ପାଇଁ ପ୍ରକୃତି ମାତାଙ୍କୁ ଏହିଦିନ ଧନ୍ୟବାଦ ଅର୍ପଣ କରାଯାଇଥାଏ । ପ୍ରକୃତିର ସମସ୍ତ ଜୀବନ୍ତ ପଦାର୍ଥ ଏବଂ ପ୍ରାଣୀଜଗତ ଉପରେ ସୂର୍ଯ୍ୟଙ୍କର କିରଣ ପଡି ସେମାନଙ୍କୁ ପ୍ରାଣବନ୍ତ କରୁଥିବାରୁ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ସୂର୍ଯ୍ୟଙ୍କୁ କୃତଜ୍ଞତା ପ୍ରକାଶ କରାଯାଏ । ସୂର୍ଯ୍ୟ ସମସ୍ତ ଶକ୍ତିର ମୌଳିକ ଉତ୍ସ ହୋଇଥିବାରୁ ଜଟିଳ ଖାଦ୍ୟ ଶୃଙ୍ଖଳର ପରିଚାଳନା ସହିତ ମନୁଷ୍ୟମାନଙ୍କ ଶରୀର ଓ ମନକୁ ଶକ୍ତି ଯୋଗାଇଥାଏ । ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖାଯୋଏ ଯେ ସୂର୍ଯ୍ୟ ନମସ୍କାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଗତ ମହାମାରୀ ସମୟରେ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଇଥିଲା । ଶରୀରରେ ସୂର୍ଯ୍ୟକିରଣ ପଡିଲେ ଭିଟାମିନ୍ ଡି’ ସୃଷ୍ଟି ହୋଇଥାଏ । ବିଶ୍ୱବ୍ୟାପୀ ସମସ୍ତ ଚିକିତ୍ସା ଶାସ୍ତ୍ର ଓ ପଦ୍ଧତି ଏହାକୁ ସ୍ୱୀକାର କରିଛନ୍ତି । ସାମୂହିକ ଭାବରେ ସୂର୍ଯ୍ୟ ନମସ୍କାର ଦ୍ୱାରା ଏହି ବାର୍ତ୍ତା ବିଶ୍ୱକୁ ଦିଆଯାଉଛି ଯେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି । ଆଜିର ବିଶ୍ୱର ତାପମାତ୍ରା ବୃଦ୍ଧି ଦୃଷ୍ଟିରୁ ଦୈନନ୍ଦିନ ଜୀବନରେ ସୌରଶକ୍ତି ବ୍ୟବହାର କରି ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଛାଡିବା ପ୍ରକ୍ରିୟା ହ୍ରାସ କରାଯିବା ଉଚିତ । ଅଙ୍ଗାରକାମ୍ଳ ପୃଥିବୀ ପ୍ରତି ବିପଦ ସୃଷ୍ଟି କରିଛି । ମକର ସଂକ୍ରାନ୍ତି ଦିନଟିର ଗୁରୁତ୍ୱ ଆମର ସାଂସ୍କୃତିକ, ପରମ୍ପରା ଏବଂ ଅଧ୍ୟାତ୍ମିକ ଜୀବନରେ ରହିଛି । ସୂର୍ଯ୍ୟ ନମସ୍କାରରେ ୮ଟି ଆସନକୁ ୧୨ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ କରାଯାଇଥାଏ । ଏହାଦ୍ୱାରା ଶରୀର ଓ ମନ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇଥାଏ ।

# ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ସମେତ ବହୁ ବିଧାୟକ ଏସ୍‌ପିରେ ଯୋଗ ଦେଲେ : କହିଲେ, ବିଜେପି ମଇଦାନ୍‌ରୁ ସଫା ହେବ



ଲକ୍ଷ୍ନୌ : ୟୁପିରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାରରୁ ବିଦ୍ରୋହ କରିବା ପରେ ଇସ୍ତଫା ଦେଇଥିବା ସ୍ୱାମୀ ପ୍ରସାଦ ମୌର୍ଯ୍ୟ କିଛି ପୂର୍ବତନ ମନ୍ତ୍ରୀଙ୍କ ସହ ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବଙ୍କ ସହ ଦଳରେ ଯୋଗ ଦେଇଛନ୍ତି । ପୂର୍ବରୁ ଇସ୍ତଫା ଦେଇଥିବା ବିଜେପି ବିଧାୟକମାନେ ମଧ୍ୟ ଏସପି ମୁଖ୍ୟ ଅଖିଳେଶ ଯାଦବଙ୍କ ଉପସ୍ଥିତିରେ ସମାଜବାଦୀ ପାର୍ଟି କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି । ସ୍ୱାମୀ ପ୍ରସାଦ ମୌର୍ଯ୍ୟଙ୍କ ବ୍ୟତୀତ ସମାଜବାଦୀ ପାର୍ଟିରେ ଯୋଗ ଦେଇଥିବା ଅନ୍ୟ ମନ୍ତ୍ରୀମାନଙ୍କ ମଧ୍ୟରେ ଧରମ ସିଂ ସାଇନି ମଧ୍ୟ ସାମିଲ୍ ରହିଛନ୍ତି । ସ୍ୱାମୀ ପ୍ରସାଦ ମୌର୍ଯ୍ୟ ବିଜେପି ଉପରେ କଡ଼ା ଆକ୍ରମଣ କରି କହିଛନ୍ତି ଯେ, ଉତ୍ତରପ୍ରଦେଶକୁ ବିଜେପିର ଶୋଷଣରୁ ମୁକ୍ତ କରିବାକୁ ହେବ । ଦେଶ ତଥା ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରି ବିଜେପି ସେମାନଙ୍କ ଆଖିରେ ଧୂଳି ପକାଇ ଲୋକଙ୍କୁ ଶୋଷଣ କରୁଛି ବୋଲି ସେ କଟାକ୍ଷ କରିଛନ୍ତି । ବର୍ତ୍ତମାନ ବିଜେପିକୁ ହଟାଇ ଉତ୍ତରପ୍ରଦେଶକୁ ବିଜେପିର ଶୋଷଣରୁ ମୁକ୍ତ କରିବାକୁ ପଡିବ । ସ୍ୱାମୀ ପ୍ରସାଦ ମୌର୍ଯ୍ୟ କହିଛନ୍ତି, “ଆମ ଇସ୍ତଫା ପରେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିଜେପିର ବଡ ନେତାମାନେ ଆଜି ନିଦ୍ରାହୀନ, ସେମାନେ ଶୋଇପାରୁ ନାହାଁନ୍ତି । ଅଖିଳେଶଜୀ ଶିକ୍ଷିତ ଏବଂ ଯୁବକ । ସେମାନଙ୍କ ସହ ମିଶି ଲକ୍ଷ ଲକ୍ଷ ଲୋକଙ୍କ ସମର୍ଥନରେ ରାଜ୍ୟ ବିଜେପିକୁ ପରାସ୍ତ କରିବ ।

# ମୁଖ୍ୟ ଡାକ୍ତରଖାନାର ଅକ୍ସିଜେନ ପ୍ଲାଣ୍ଟରୁ ଯନ୍ତ୍ରାଂଶ ଚୋରି



ବରଗଡ଼, (ନିପ୍ର) : ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ି ଚାଲିଛି । ସଂକ୍ରମଣ ବୃଦ୍ଧି ଏବଂ ଅମ୍ଳଜାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତବର୍ଷ ଦ୍ୱିତୀୟ ଲହର ଚାଲିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରପାତି ଲାଗିଥିଲା ଏବଂ କାର୍ଯ୍ୟକ୍ଷମ ହେବାକୁ କେବଳ ବାକି ରହିଥିଲା । ମାତ୍ର ତାହା କାର୍ଯ୍ୟକ୍ଷମ ହେବା ପୂର୍ବରୁ ଉକ୍ତ ପ୍ଲାଣ୍ଟରେ ଲାଗିଥିବା ବିଭିନ୍ନ ଯନ୍ତ୍ରପାତି ଚୋରି ହୋଇଯିବା ସମସ୍ତଙ୍କୁ ଚକିତ କରିଛି । ଏ ନେଇ ଏଡ଼ିଏମ୍‌ଓ ଡା. ବିଭୁତି ଭୂଷଣ ମେହେର ଭଟଲି ଥାନାରେ ଏକ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୩/ ୨୨) ରୁଜୁ କରି ତଦନ୍ତ ଚଲାଇଛି । ମିଳିଥିବା ସୂଚନା ଅନୁଯାୟୀ, ତୃତୀୟ ଲହର ମାଡ଼ି ଆସିବା ଏବଂ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଗତ ୭ ତାରିଖ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟ କର୍ମଚାରୀମାନେ ପହଞ୍ଚିଥିଲେ । ହେଲେ ଅକ୍ସିଜେନ ପ୍ଲାଣ୍ଟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇ ଯାଇଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ । ତେବେ ତାହା କେବେଠୁ ଚୋରି ହୋଇଛି ଏବଂ ଏହି ଘଟଣାରେ କାହାର ଭୂମିକା ରହିଛି, ଏନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

ଏହି ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ (ସିଡ଼ିଏମଓ) ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ପ୍ଲାଣ୍ଟର କିଛି କପର୍ ତାର ଚୋରି ହୋଇଛି । କର୍ମଚାରୀମାନେ ପ୍ଲାଣ୍ଟର ମରାମତି କରୁଥିବା ସେ କହିଥିଲେ ।

# ରୋଟାରୀ କ୍ଲବ ଷ୍ଟିଲ ସିଟି ତରଫରୁ ହାତଧୁଆ ଷ୍ଟେସନ ଉଦ୍‌ଘାଟିତ




ରାଉରକେଲା, (ନିପ୍ର) : ରୋଟାରୀ କ୍ଲବ ରାଉରକେଲା ସିଟି ତରଫରୁ ଜଗଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ନବନିର୍ମିତ ହାତଧୁଆ ଷ୍ଟେସନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ଡିଜି ରୋଟାରୀଆନ ଫକୀର ଚରଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷ ରୋଟାରୀଆନ ଅଶୋକ କକ୍କଡଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା । ଏହି ଅବସରରେ ବିଦ୍ୟାଳୟ ପରିସରରେ କୋଭିଡ ନିୟମ ପାଳନ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀ ବନଜା ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀମତୀ ପ୍ରଧାନ ଏଥିପାଇଁ କୃତଜ୍ଞତା ଜଣାଇଥିଲେ ।

ମୁଖ୍ୟଅତିଥି ଶ୍ରୀ ମହାନ୍ତି ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ରୋଟାରୀଆନ ପ୍ରାକ୍ତନ ସଭାପତି ସୁଚିସ୍ମିତା ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଦେବାନନ୍ଦ ସାହୁ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ତଥା କ୍ଲବର ଉପଦେଷ୍ଟା ରୋଟାରୀଆନ ଅଞ୍ଜନା ମୈତ୍ର, ଉପସଭାପତି ପୁତୁଲ ରାହୁଲ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ



ନୂଆପଡା, (ନିପ୍ର) : ନୂଆପଡା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଛତିଶଗଡ ସୀମାନ୍ତରେ ଥିବା ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଗତ ୯ ତାରିଖ ଦିନ ମାଓବାଦୀମାନେ ମେଳି କରୁଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୂଆପଡା ସିଆର୍‌ପିଏଫ୍, ଡିଭିଏଫ୍ ଓ ଏସ୍‌ଓଜିଙ୍କ ମିଳିତ ଉଦ୍ୟମରେ କୁମ୍ବିଂ ଅପରେସନ କରାଯାଇଥିଲା ଏଥିରେ ପୋଲିସ ଓ ମାଓବାଦୀ ମଧ୍ୟରେ ୪୦ରୁ ୫୦ ରାଉଣ୍ଡ ଗୁଳିବିନିମୟ ହୋଇଥିବା ସୂଚନା ଦେଇଛନ୍ତି ନୂଆପଡା ଏସ୍‌ପି । ଏହି ଗୁଳି ବିନିମୟ ସମୟରେ ୪ରୁ ୫ଜଣ ମାଓବାଦୀ ଆହତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକର । ଗତ ୧୦ ଓ ୧୧ ତାରିଖ ମଧ୍ୟ ଦୁହିଁଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି ଓ ଏବେ ମଧ୍ୟ କୁମ୍ବିଂ ଅପରେସନ ଚାଲୁଥିବା କହିଛନ୍ତି । ସେମାନଙ୍କ ଠାରୁ ଛତା, ସୋଲାର ପ୍ଲେଟ, ମାଓବାଦୀ ପୋଷ୍ଟର, ଔଷଧ ସହିତ ଅନେକ ସାମଗ୍ରୀ ଜବତ କରାଯାଇଛି ।

